## ସଂକ୍ଷେପରେ

### ଷଡ଼ଙ୍ଗୀ ହାଇସ୍କୁଲର ବାର୍ଷିକ ଉତ୍ସବ

**ଢେଙ୍କାନାଳ ଅଫିସ, ୨୩।୧:** ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଷଡ଼ଙ୍ଗୀ ହାଇସ୍କୁଲର ୫୫ତମ ବାର୍ଷିକ ଉତ୍ସବ ମଙ୍ଗଳବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନ ଶିକ୍ଷକ ନୀଳକଣ୍ଠ ମହାନ୍ତି ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଉପସଭାପତି କୋଦଣ୍ଡଧର ସାହୁ, ମୁଖ୍ୟବକ୍ତା ଶ୍ରୀଧରସ୍ୱାମୀ, ବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ ଗିରିଧାରୀ ସାହୁ, ଏସ୍‌ବିଆଇ ଶାଖା ପରିଚାଳକ ସମ୍ବିତ କୁମାର ପାତ୍ର, କବି ଗୋଲକ ବିହାରୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସ୍କୁଲ ପ୍ରତିଷ୍ଠାତା ସଭ୍ୟ ଗିରିଧାରୀ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ପୁରସ୍କୃତ ହୋଇଥିଲେ। ହିନ୍ଦୀ ଶିକ୍ଷକ ରମାକାନ୍ତ ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ପ୍ରବୋଧ କୁମାର ମିଶ୍ର ମଙ୍ଗଳାଚରଣ ପାଠ କରିଥିଲେ। ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ ହରିହର ସାହୁ, ପୂର୍ବତନ ସରପଞ୍ଚ ଗୋବର୍ଦ୍ଧନ ସାହୁ, ଶିକ୍ଷକ ଅଞ୍ଜନ କୁମାର ମହାରଣା, ଶ୍ରୀନିବାସ ସାହୁ, ବନିତା ମାଝି, ଚିନ୍ମୟ ଦେହୁରୀ, ପୁରୁଷୋତ୍ତମ ସାମଲ, ଶରତ ବାରିକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

### ଜାତିସଂଘ ସୂଚନା ଦିବସ ପାଳିତ

**ଢେଙ୍କାନାଳ ଅଫିସ,୨୩।୧:** ଢେଙ୍କାନାଳ ରଥଗଡ଼ାସ୍ଥିତ ଉଫୁନା କାର୍ଯ୍ୟାଳୟରେ ସୋମବାର ଜାତିସଂଘ ସୂଚନା ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନର ରାଜ୍ୟ ଅଧ୍ୟକ୍ଷ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ପୂର୍ବତନ ସିବିଆଇ ବିଚାରପତି ଭିକାରି ଚରଣ ରାଉତ ଯୋଗଦେଇ କହିଲେ, ଜାତିସଂଘ ଏବଂ ଜନସାଧାରଣଙ୍କ ମଧ୍ୟରେ ଉଫୁନା ହେଉଛି ସେତୁ। ଜାତିସଂଘର ବିଭିନ୍ନ କାର୍ଯ୍ୟକ୍ରମକୁ ଜନମାନସରେ ପ୍ରଚାର କରିବା ଅନୁଷ୍ଠାନର ପ୍ରମୁଖ ଲକ୍ଷ୍ୟ। ଏହା ଠିକ୍ ଭାବେ ହୋଇପାରିଲେ ଉଫୁନାର ଉଦ୍ଦେଶ୍ୟ ପୂରଣ ହୋଇପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ। ପ୍ରଫେସର ଦିଲୀପ ନନ୍ଦ, ଉପେନ୍ଦ୍ର ରାଉତ, କବି ବାହାଦୁର ପାଟସାହାଣୀ, ଉମ୍ବରୁଧର ପଣ୍ଡା, ଦୈତାରି ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରସାଦ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

### ପାରାଦୀପକୁ ହରାଇ ତାଳଚେର ସେମିରେ

**କାମାକ୍ଷାନଗର, ୨୩।୧(ଡି.ଏନ୍.ଏ.):** କଙ୍କଡ଼ାହାଡ଼ ବ୍ଲକ ହଳଦୀକୁଣ୍ଡିରେ ଆୟୋଜିତ ୭ମ ରାଜ୍ୟସ୍ତରୀୟ ହଳଦୀକୁଣ୍ଡି କପ୍‌ର ବୁଧବାର ଖେଳାଯାଇଥିବା ୪ର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ପାରାଦୀପ ସ୍ପୋର୍ଟିଂ କ୍ଲବକୁ ହରାଇ ତାଳଚେର ଫ୍ରେଣ୍ଡସ୍ କ୍ଲବ ସେମିଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିବା ତାଳଚେର ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୨୩୨ ରନ୍ କରିବାକୁ ସକ୍ଷମ ହୋଇଥିଲା। ଜବାବରେ ପାରାଦୀପ ୧୮ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୧୬୨ ରନ୍ କରିବାକୁ ସକ୍ଷମ ହୋଇଥିଲା। ସୁରେନ୍ଦ୍ର ସାହୁ, ପପୁନି ସାହୁ ମ୍ୟାଚ୍ ପରିଚାଳନା କରିଥିବାବେଳେ ବିପିନ ବିହାରୀ ସାହୁ ଧାରାବିବରଣୀ ଦେଇଥିଲେ। ଅଭୟ ବେହେରା ସ୍କୋରର ଦାୟିତ୍ୱ ନିର୍ବାହ କରିଥିଲେ। ଜାନୁୟାରୀ ୨୫ରେ ପ୍ରଥମ ସେମିଫାଇନାଲ ମ୍ୟାଚ୍ ବାଲାବାବା କେନ୍ଦ୍ରାପଡ଼ା ଏବଂ ବିସିସି ଢେଙ୍କାନାଳ ମଧ୍ୟରେ ଖେଳାଯିବ।

### ଖବରକାଗଜ ବିତରକଙ୍କ ବିୟୋଗ

**ସାତମାଇଲ, ୨୩।୧(ଡି.ଏନ୍.ଏ.):** ହିନ୍ଦୋଳ ବ୍ଲକ ନୂଆବଗ ପଞ୍ଚାୟତ ବାଘଧରିଆ ଗ୍ରାମର ଖବରକାଗଜ ବିତରକ ଗଣେଶ୍ୱର ସାହୁ (୪୨)ଙ୍କ ମଙ୍ଗଳବାର ପରଲୋକ ହୋଇଯାଇଛି। ରାତିରେ ହଠାତ୍ ସେ ନିଃଶ୍ୱାସ ନେବାରେ ଯନ୍ତ୍ରଣା ଅନୁଭବ କରିଥିଲେ। ପରିବାର ଲୋକେ ତାଙ୍କୁ ଡାକ୍ତରଖାନା ନେଉଥିବା ବାଟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଜଣେ ମିଷ୍ଟଭାଷୀ, ମେଳାପି ଯୁବକ ଭାବେ ସେ ଅଞ୍ଚଳରେ ପରିଚିତ ଥିଲେ। କିଛିଦିନ ହେବ ସେ ଖବର କାଗଜ ବିତରକ ଭାବେ ବୃତ୍ତିଗତ ଜୀବନ ଆରମ୍ଭ କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

■ ଓପିଏସ୍ ମହାବିଦ୍ୟାଳୟରେ ଜାତୀୟ କର୍ମଶାଳା

# 'ସମ୍ବେଦନଶୀଳତା ମାନବିକତା ସୃଷ୍ଟି କରେ'

**ଓଡ଼ାପଡ଼ା, ୨୩।୧(ଡି.ଏନ.ଏ.)**



କାର୍ଯ୍ୟକ୍ରମରେ ଅତିଥିମାନେ।

ସମ୍ବେଦନଶୀଳତାରୁ ମାନବିକତାର ସୃଷ୍ଟି। ଏହା ହିଁ ସୁସ୍ଥ ସମାଜ ଗଠନର ମୁଖ୍ୟ ଅସ୍ତ୍ର। ମଣିଷ ସମ୍ବେଦନଶୀଳ ହେଲେ ମାନବିକତାର ପରିପ୍ରକାଶ ଘଟେ। ଢେଙ୍କାନାଳ ଓଡ଼ାପଡ଼ା ପଞ୍ଚାୟତ ସମିତି କଲେଜ (ଓପିଏସ୍‌ସି) ପରିସରରେ ମଙ୍ଗଳବାର ଆୟୋଜିତ 'ଫକୀର ମୋହନଙ୍କ ସାହିତ୍ୟରେ ମାନବବାଦ' ଶୀର୍ଷକ ଜାତୀୟ କର୍ମଶାଳାରେ ଶୁଣିବାକୁ ମିଳିଥିଲା ଏପରି ମାର୍ମିକ କଥା।

ଓପିଏସ୍ ମହାବିଦ୍ୟାଳୟ ଏବଂ ନୂଆଦିଲ୍ଲୀସ୍ଥିତ ଫକୀର ମୋହନ ଫାଉଣ୍ଡେଶନର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହାକୁ ଫକୀର ମୋହନ ଫାଉଣ୍ଡେଶନର ପ୍ରତିଷ୍ଠାତ୍ରୀ ତଥା ବ୍ୟାସକବିଙ୍କ ଅଣନାତୁଣୀ ଡ. ମନିକା ଦାସ ଉଦ୍‌ଘାଟନ କରିଥିଲେ। କଲେଜ ଅଧ୍ୟକ୍ଷ ଶମ୍ଭୁ ପ୍ରସାଦ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉତ୍କଳ ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗ ପ୍ରାଧ୍ୟାପକ ସନ୍ତୋଷ ତ୍ରିପାଠୀ ବକ୍ତା ଭାବେ ଯୋଗଦେଇଥିଲେ। ଅଧ୍ୟାପକ ବିଦ୍ୟାଧର ବରାହ, ଗୁରୁଚରଣ ରାଉତରାୟ ଏବଂ ଅଧ୍ୟାପିକା ସନ୍ଧ୍ୟାରାଣୀ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଦ୍ୱିତୀୟ ପର୍ଯ୍ୟାୟରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଦୁର୍ଗାମାଧବ ପୃଷ୍ଟି ସଭାପତିତ୍ୱ କରି କହିଲେ, ଫକୀରମୋହନଙ୍କ ସମଗ୍ର ସୃଷ୍ଟି ମାନବବାଦ ଉପରେ ପର୍ଯ୍ୟବସିତ। ଅନ୍ୟମାନଙ୍କ ମଧ୍ୟରେ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଅଣନାତି ତଥା ପ୍ରାଧ୍ୟାପକ ଡ. ମଣିନ୍ଦ୍ର କୁମାର ମେହେର, ଓଡ଼ିଆ ବିଭାଗ ଅଧ୍ୟାପକ ଡ. ରବୀନ୍ଦ୍ର କୁମାର ଦାସ, ରେଭେନ୍ସା ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗ ଅଧ୍ୟାପିକା ଡ. ବିଜୟଲକ୍ଷ୍ମୀ ଦାସ, ଶୈଳବାଳା ମହିଳା ମହାବିଦ୍ୟାଳୟର ଅଧ୍ୟାପିକା ଡ. ସଞ୍ଜିତା ମିଶ୍ର ଯୋଗଦେଇ ବ୍ୟାସକବିଙ୍କ ସୃଷ୍ଟିରେ ମାନବବାଦ ସମ୍ପର୍କରେ ତାତ୍ତ୍ୱିକ ଆଲୋଚନା କରିଥିଲେ। ଅଧ୍ୟାପକ ଦେବାନନ୍ଦ ଦାସ ଆଲୋଚନାଚକ୍ରକୁ ସଂଯୋଜନା କରିଥିବାବେଳେ ମଙ୍ଗରାଜ ମହାପାତ୍ର ଧନ୍ୟବାଦ ଦେଇଥିଲେ। ତୃତୀୟ ପର୍ଯ୍ୟାୟରେ ଅତିଥି, ନିମନ୍ତ୍ରିତ ଅଧ୍ୟାପକ, ଗବେଷକ ଓ ଛାତ୍ରୀଛାତ୍ରମାନେ ମଣିଷ ଭିତରେ କିପରି ମାନବିକତା ସୃଷ୍ଟି କରାଯାଇପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ।

ଅଧ୍ୟାପକ ବିଦ୍ୟାଧର ବରାହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଅଧ୍ୟକ୍ଷ ଶମ୍ଭୁପ୍ରସାଦ ପ୍ରଧାନ, ସ୍ଥାୟୀ ଲୋକ ଅଦାଲତ ସଭ୍ୟ ପ୍ରଫେସର ହରେକୃଷ୍ଣ କର ଅତିଥି ଭାବେ ମଞ୍ଚାସୀନ ଥିଲେ। ସଚ୍ଚିଦାନନ୍ଦ ମହାବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟ ବିଭାଗ ଅଧ୍ୟାପିକା ଡ. ପୁଷ୍ପଲତା ରଥ କର୍ମଶାଳାର ନିର୍ଯାସ ଉପସ୍ଥାପନା କରିଥିଲେ। ସମାଜକୁ ସୁଧାରିବାକୁ ହେଲେ ସାହିତ୍ୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସାହିତ୍ୟରେ ମାନବୀୟ ମୂଲ୍ୟବୋଧ ସୁସ୍ଥ ସମାଜ ଗଠନରେ ସହାୟକ ହୋଇଥାଏ। ଏପରି କର୍ମଶାଳା ନିୟମିତ ଆୟୋଜନ କରାଯିବାର ଆବଶ୍ୟକତା ଥିବା ସେ ମତବ୍ୟକ୍ତ କରିଥିଲେ।

■ଆକ୍ରମଣ କରି ହାଇୱା ଲୁଟ୍

# ଚାଳକଙ୍କୁ ଜଙ୍ଗଲରେ ଫିଙ୍ଗିଦେଲେ

**ଢେଙ୍କାନାଳ ଅଫିସ, ୨୩।୧**


ଗୁରୁତର ହାଇୱା ଡ୍ରାଇଭର।

■ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର
■୩ ଜଣଙ୍କ ସମ୍ପୃକ୍ତି ଅଭିଯୋଗ
■ଥାନାରେ ଏତଲା

ଢେଙ୍କାନାଳ ସଦର ଥାନା ପଞ୍ଚୁପଟି ନିକଟରେ ଥିବା ଏକ ଢାବା ସମ୍ମୁଖରୁ ମଙ୍ଗଳବାର ବିଳମ୍ବିତ ରାତିରେ ୩ଜଣ ଦୁର୍ବୃତ୍ତ ଚାଳକଙ୍କୁ ଆକ୍ରମଣ କରି ଏକ ଫ୍ଲାଏଆଶ୍ ବୋଝେଇ ହାଇୱା ଲୁଟିନେଇଛନ୍ତି। ବୁଧବାର ସକାଳେ ୫୫ନଂ. ଜାତୀୟ ରାଜପଥ କୋରିଆଁ ନିକଟ ରାସ୍ତାକଡ଼ ଜଙ୍ଗଲରୁ ଡ୍ରାଇଭର ସଞ୍ଜୟ ଦେହୁରୀ (୩୦)ଙ୍କୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରାଯାଇଛି। ତାଙ୍କ ଡାହାଣ ହାତରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ସଞ୍ଜୟଙ୍କ ଘର ପରଜଙ୍ଗ ଥାନା କନ୍ତୋଲ ଗ୍ରାମରେ। ସେ ସୋମବାର ରାତିରେ ଅନୁଗୋଳର ସତ୍ୟବ୍ରତ ସ୍ୱାଇଁଙ୍କ ହାଇୱା (ଓଆର ୧୯ ଇ ୦୯୮୧)ରେ ଫ୍ଲାଏ ଆଶ୍ ବୋଝେଇ କରି ସୁକିନ୍ଦା ଯାଉଥିଲେ। ସଦର ଥାନାଠାରୁ ପ୍ରାୟ ୫୦ମିଟର ଦୂରରେ ଥିବା ଢାବାରେ ଖାଇସାରି ସେ ଗାଡ଼ିରେ ବିଶ୍ରାମ ନେଉଥିଲେ। ଏହି ସମୟରେ ୩ଜଣ ଦୁର୍ବୃତ୍ତ ମାରଣାସ୍ତ୍ର ଧରି ତାଙ୍କୁ ଗାଡ଼ିରୁ ଟାଣିଆଣି ଆକ୍ରମଣ କରିଥିଲେ। ତାଙ୍କଠାରୁ ଚାବି ଛଡ଼ାଇ ଆଣି ଗାଡ଼ିରେ ବସାଇ ଫେରାର ହୋଇଯାଇଥିଲେ। କିଛି ଦୂର ଯିବା ପରେ ସେମାନେ ସଞ୍ଜୟଙ୍କୁ ଜଙ୍ଗଲରେ ଫିଙ୍ଗିଦେଇ ଫେରାର ହୋଇଯାଇଥିଲେ। ବୁଧବାର ସକାଳେ ସମସ୍ତ ଘଟଣାବଳୀ ସମ୍ପର୍କରେ ସଞ୍ଜୟ ପୋଲିସକୁ କହିଛନ୍ତି। ଏ ନେଇ ନଂ. ୪୯/୧୯ରେ ମାମଲା ରୁଜୁ କରାଯାଇଥିବା ଥାନାଧିକାରୀ ମଳୟ ନାୟକ ସୂଚନା ଦେଇଛନ୍ତି।

# ନେତାଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅ


ଦେଓଗାଁ ବିଦ୍ୟାଳୟ ପକ୍ଷରୁ ସଚେତନତା ଶୋଭାଯାତ୍ରା।

**ଢେଙ୍କାନାଳ ଅଫିସ, ୨୩।୧**

ଢେଙ୍କାନାଳ ଜିଲା ସଦର ବ୍ଲକ ଗୋବିନ୍ଦପୁର କାମାକ୍ଷାପ୍ରସାଦ ସରକାରୀ ଉଚ୍ଚ ବିଦ୍ୟାଳୟରେ ବୁଧବାର ନେତାଜୀ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ଅକ୍ଷୟ ପତିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସ୍କାଉଟ୍ସ, ଗାଇଡ୍ସ, ଜୁନିୟର ରେଡ୍‌କ୍ରସ୍ ସ୍ୱେଚ୍ଛାସେବୀ, ଶିକ୍ଷୟିତ୍ରୀଶିକ୍ଷକ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ନେତାଜୀଙ୍କ ଦେଶପ୍ରେମର ପଟାନ୍ତର ନାହିଁ। ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦିଆଯାଇଥିଲା।

ଏହି ଉପଲକ୍ଷେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ ସ୍ୱାଗତିକା ରାଉତ, ଶୋଭନ ଦାସ, ରୋଜାଲିନ ବେହେରା ଏବଂ ସଙ୍ଗୀତରେ ସ୍ୱାଗତିକା ରାଉତ, ଜ୍ୟୋସ୍ନାମୟୀ ମୁଦୁଲି, ଶ୍ରାବଣୀ ବେହେରା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ହାସଲ କରିଛନ୍ତି। ଶିକ୍ଷୟିତ୍ରୀ ବିଦ୍ୟୁତ୍‌ପ୍ରଭା ସାହୁ, ଶାନ୍ତାବାଳା କବିଶତପଥୀ, ରଶ୍ମିରାଣୀ ଶତପଥୀ, ଶିକ୍ଷକ ସଦାନନ୍ଦ ଭୋଳ, ଆଦିତ୍ୟ କବିଶତପଥୀ, ନରେଶ ମହାରଣା ପ୍ରମୁଖ ସହଯୋଗ କରିଥିଲେ।

ସେହିପରି ଦେଓଗାଁ ବିଦ୍ୟାଳୟରେ ଆୟୋଜିତ ନେତାଜୀ ଜୟନ୍ତୀରେ ପ୍ରଧାନ ଶିକ୍ଷକ ହରିହର ସାହୁ ଅଧ୍ୟକ୍ଷତା କରିଥିଲେ। ଛାତ୍ରୀଛାତ୍ରମାନେ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ। ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ ଶୁଚିସ୍ମିତା ଖଟୁଆ ପ୍ରଥମ, ସୁଭଦ୍ରା ଷଡ଼ଙ୍ଗୀ ଦ୍ୱିତୀୟ ଏବଂ ସୌମ୍ୟା ପ୍ରିୟଦର୍ଶିନୀ ରଣା ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ।

### ସୋନାଲି, କୃଷ୍ଣଚନ୍ଦ୍ର ଶ୍ରେଷ୍ଠ ଶିକ୍ଷାର୍ଥୀ

**ଢେଙ୍କାନାଳ ଅଫିସ, ୨୩।୧**

ଗଁଦିଆ ବ୍ଲକ ଅଶ୍ୱଖୋଲା ଆଞ୍ଚଳିକ ସରକାରୀ ଉଚ୍ଚ ବିଦ୍ୟାଳୟରେ ଦୁଇଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡ଼ା ଏବଂ ବାର୍ଷିକ ଉତ୍ସବ ସମାରୋହ ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସରୋଜିନୀ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଉପସଭାପତି କୋଦଣ୍ଡଧର ସାହୁ, ମୁଖ୍ୟବକ୍ତା ପ୍ରାଣୀ ଚିକିତ୍ସା ଅଧିକାରୀ ଡା. କୃଷ୍ଣଚନ୍ଦ୍ର ମଲ୍ଲିକ, ସମ୍ମାନିତ ଅତିଥି ବ୍ଲକ ଅଧ୍ୟକ୍ଷ ଗୀତାଞ୍ଜଳି ଭୂୟାଁ, ଉପାଧ୍ୟକ୍ଷ ପ୍ରଫୁଲ୍ଲ ସାହୁ, ସରପଞ୍ଚ ସବିତା ସାହୁ, ପ୍ରଧାନ ଶିକ୍ଷକ ନୀଳକଣ୍ଠ ମହନ୍ତ, ଆଲୁମ୍ନି ସଭାପତି ବନବିହାରୀ ସାହୁ, ସାମାଜିକ କର୍ମୀ ତାପସ ରାଉତ, ଶିକ୍ଷକ ଗୋଲେଖ ଚନ୍ଦ୍ର ବେହେରା, ଜୟକୃଷ୍ଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ୨୦୧୭-୧୮ ଶିକ୍ଷା ବର୍ଷ ଶ୍ରେଷ୍ଠ ଛାତ୍ରୀ ପ୍ରଜ୍ଞା ପ୍ରିୟଦର୍ଶିନୀ ସାହୁ ଏବଂ ଶ୍ରେଷ୍ଠ ଛାତ୍ର ସ୍ମୃତିରଞ୍ଜନ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ୨୦୧୮-୧୯ ଶିକ୍ଷାବର୍ଷର ଶ୍ରେଷ୍ଠ ଛାତ୍ରୀ ସୋନାଲି ବାରିକ, ଶ୍ରେଷ୍ଠ ଛାତ୍ର କୃଷ୍ଣଚନ୍ଦ୍ର ସାହୁ ଏବଂ ଶ୍ରେଷ୍ଠ ଅଲରାଉଣ୍ଡର ଭାବେ ସନ୍ଧ୍ୟାରାଣୀ ସାମଲ ପୁରସ୍କୃତ ହୋଇଥିଲେ। ସେହିପରି କ୍ରୀଡ଼ା ପ୍ରତିଯୋଗିତାରେ ଶୁଭଶ୍ରୀ ମଲ୍ଲିକ, ବେଣୁଧର ନାଥ ଚାମ୍ପିୟନ ହୋଇଛନ୍ତି। ଶିକ୍ଷକ ଅନନ୍ତ ଜେନା, ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ସାମଲ, ନବକିଶୋର ମହାନ୍ତି, ସଞ୍ଜୟ ମହାରଣା, ପରେଶ ବାରିକ ପ୍ରମୁଖ ସହଯୋଗ କରିଥିଲେ।

■ଗେଙ୍ଗୁଟିଆ କଲେଜ ବାର୍ଷିକ କ୍ରୀଡ଼ା

# ତୁଳସୀ, ରୋହିତ ଶ୍ରେଷ୍ଠ ଖେଳାଳି



ବାର୍ଷିକ କ୍ରୀଡ଼ାର କୃତୀ ଖେଳାଳିଙ୍କୁ ପୁରସ୍କୃତ କରାଯାଉଛି।

**ଢେଙ୍କାନାଳ ଅଫିସ, ୨୩।୧**

ଢେଙ୍କାନାଳ ଜିଲା ସଦର ବ୍ଲକ ଗେଙ୍ଗୁଟିଆସ୍ଥିତ ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଜ୍ଞାନ ଓ ବୈଷୟିକ କଲେଜର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଲେଜର ପୂର୍ବତନ ସଭ୍ୟ ଉଦୟନାଥ ମହାନ୍ତି, ସଦର ବ୍ଲକ ଉପାଧ୍ୟକ୍ଷ ନରୋତ୍ତମ ସାହୁ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ବାଳିକା ବିଭାଗରେ ତୁଳସୀ ବେହେରା ଏବଂ ବାଳକ ବିଭାଗରେ ରୋହିତ ସେନାପତି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ସେହିପରି ଶ୍ରେଷ୍ଠ ଛାତ୍ରୀ ମାନ୍ୟତା ପାଇଛନ୍ତି ବର୍ଷାରାଣୀ ଭୋଳ।

କଲେଜ ଅଧ୍ୟକ୍ଷା ଡ. କବିତା ମହନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥିଭାବେ ବ୍ଲକ ଅଧ୍ୟକ୍ଷା ପଦ୍ମିନୀ ବେହେରା, ମୁଖ୍ୟବକ୍ତା ଉପାଧ୍ୟକ୍ଷ ନରୋତ୍ତମ ସାହୁ, ସମ୍ମାନିତ ଅତିଥି ଭାବେ ପୂର୍ବତନ ସଦସ୍ୟ ନୃସିଂହଚରଣ, ପ୍ରସନ୍ନ ସାହାଣୀ, ବିନୋଦ ସେଠୀ ପ୍ରମୁଖ ଉପସ୍ଥିତ ରହି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। କ୍ରୀଡ଼ା ଶିକ୍ଷକ ଗଣେଶ୍ୱର ସାହୁ ଖେଳ ପରିଚାଳନା କରିଥିବାବେଳେ ଅଧ୍ୟାପକ ବିନୋଦ କୁମାର ରାୟଙ୍କ ସମେତ କଲେଜର ସମସ୍ତ ଅଧ୍ୟାପିକାଅଧ୍ୟାପକ ଏବଂ କର୍ମଚାରୀ ଏଥିରେ ସହଯୋଗ କରିଥିଲେ।

# ସାମାଜିକ କର୍ମୀ କୁଞ୍ଜବିହାରୀ ମିଶ୍ରଙ୍କ ପରଲୋକ

**ଢେଙ୍କାନାଳ ଅଫିସ, ୨୩।୧**


କୁଞ୍ଜବିହାରୀ ମିଶ୍ର।

ଢେଙ୍କାନାଳ ସହର ଉପକଣ୍ଠ ମୁକ୍ତାଦେଇପୁର ଶାସନର ବରିଷ୍ଠ ସାମାଜିକ କର୍ମୀ କୁଞ୍ଜବିହାରୀ ମିଶ୍ର (୮୫)ଙ୍କ ବୁଧବାର ପରଲୋକ ହୋଇଯାଇଛି। ସେ କିଛିଦିନ ହେଲା ଅସୁସ୍ଥ ଥିଲେ। ଅନ୍ତିମ ସମୟରେ ତାଙ୍କ ନିକଟରେ ପୁଅ ତଥା ଖ୍ୟାତନାମା କଣ୍ଠଶିଳ୍ପୀ ଶକ୍ତି ମିଶ୍ର, ଜିତେନ୍ଦ୍ର ମିଶ୍ର, ଦୁଇ କନ୍ୟା ସୁଜାତା, ସୁଚେତା, ଜ୍ୱାଇଁ ପ୍ରଫେସର ହରେକୃଷ୍ଣ କର, ଗୌରହରି ଦାଶଙ୍କ ସମେତ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ସୂଚନା ପାଇ ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ର, ଜିଲା ଓକିଲ ସଂଘ ସଭାପତି ଶିବସାଇ ମହାପାତ୍ର, ବରିଷ୍ଠ ଭାଜପା ନେତା ରାମଚନ୍ଦ୍ର ପାତ୍ର, ରୁଦ୍ରାନ୍ତ ଦଳେଇ, ମୁକ୍ତାଦେଇପୁର ଶାସନ ମହାଜନ ସଭାର ସଭାପତି ଶଶିମୌଳି ରଥ ପ୍ରମୁଖ ତାଙ୍କ ବାସଭବନକୁ ଯାଇ ଶେଷଦର୍ଶନ କରିଥିଲେ।

କୁଞ୍ଜବିହାରୀ ହେଉଛନ୍ତି ପୂର୍ବତନ ଗଁଦିଆ ବିଧାୟକ ହଳଧର ମିଶ୍ରଙ୍କ ସାନଭାଇ। ତାଙ୍କ ଉଦ୍ୟମରେ ଜିଲାରେ ଏକାଧିକ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ହୋଇପାରିଥିଲା। ଜଣେ ସଙ୍ଗଠକ ଭାବେ ସେ ବେଶ୍ ପରିଚିତ ଥିଲେ। ତାଙ୍କ ବିୟୋଗରେ ଆନନ୍ଦ ବଜାରର ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକ ବନ୍ଦ ରହିଥିଲା। ମରଶରୀରକୁ ଜନ୍ମସ୍ଥାନ ସଦର ବ୍ଲକ କାଇମାଟି ଗ୍ରାମକୁ ନିଆଯାଇ ଶେଷକୃତ୍ୟ କରାଯାଇଛି। କୁଞ୍ଜବିହାରୀଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ଅପହୃତା ଛାତ୍ରୀ ଉଦ୍ଧାର, ଯୁବକ ଗିରଫ

**ଜଳେଶ୍ୱର, ୨୩।୧(ଡି.ଏନ୍.ଏ.)**

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ଅଞ୍ଚଳର ଜଣେ ନବମ ଶ୍ରେଣୀ ଛାତ୍ରୀଙ୍କୁ ଅପହରଣ କରିଥିବା ଅଭିଯୋଗରେ ମୁଣ୍ଡୁତୁଣିଆ ଗ୍ରାମର ସୌମ୍ୟରଞ୍ଜନ ବେହେରା (୨୩)ଙ୍କୁ ରାଇବଣିଆ ପୋଲିସ ବୁଧବାର ଗିରଫ କରିଛି। ଏହାସହିତ ଅପହୃତା ଛାତ୍ରୀଙ୍କୁ ବାଲେଶ୍ୱରରୁ ପୋଲିସ ଉଦ୍ଧାର କରିଛି। ଉଭୟ ଛାତ୍ରୀ ଓ ଯୁବକଙ୍କୁ ପୋଲିସ ଡାକ୍ତରୀମାଇନା କରାଇଛି। ଛାତ୍ରୀଙ୍କ ବାପାଙ୍କ ଅଭିଯୋଗକ୍ରମେ ଅଭିଯୁକ୍ତଙ୍କ ବିରୋଧରେ ପୋକ୍ସୋ ଆକ୍ଟ ଅନୁଯାୟୀ ଅପହରଣ ମାମଲା (ନଂ.୪/୧୯) ରୁଜୁ ହୋଇଛି। ଥାନା ଇନଚାର୍ଜ ତଥା କୁଶଗଡ଼ ଫାଣ୍ଡି ଅଧିକାରୀ ଉମାକାନ୍ତ ମହାପାତ୍ର ଉକ୍ତ ମାମଲାର ତଦନ୍ତଭାର ନେଇଛନ୍ତି। ଉଲ୍ଲେଖଯୋଗ୍ୟ, ଉଦ୍ଧାର ସ୍କୁଲ ଛାତ୍ରୀ ଜଣକ ସ୍କୁଲ ଛୁଟି ପରେ ନିଜ ଘରକୁ ଯିବା ବାଟରେ ଅଭିଯୁକ୍ତ ଜଣକ ତାଙ୍କୁ ଜୋରଜବରଦସ୍ତି ଅପହରଣ କରି ନେଇଯାଇଥିଲେ। ଏ ନେଇ ପରିବାର ଲୋକେ ଥାନାର ଦ୍ୱାରସ୍ଥ ହୋଇଥିଲେ।

■ ନୂତନ ତାଲିକା ପ୍ରକାଶିତ

# ଢେଙ୍କାନାଳରେ ୯,୧୮,୮୬୧ ଭୋଟର

**ଢେଙ୍କାନାଳ ଅଫିସ, ୨୩।୧**



ସାଧାରଣ ନିର୍ବାଚନ ଲାଗି ଢେଙ୍କାନାଳ ଜିଲାରେ ପ୍ରକାଶ ପାଇଛି ଭୋଟର ତାଲିକା। ନୂତନ ତାଲିକାରେ ମୋଟ ୯ଲକ୍ଷ ୧୮ହଜାର ୮୬୧ ଭୋଟର ଅଛନ୍ତି। ତନ୍ମଧ୍ୟରେ ୪ଲକ୍ଷ ୩୯ହଜାର ୧୮୬ ମହିଳା ଏବଂ ୪ଲକ୍ଷ ୭୯ ହଜାର ୫୭୨ ପୁରୁଷ। ଏତଦ୍‌ବ୍ୟତୀତ ୧୦୩ ଥାର୍ଡଜେଣ୍ଡର, ୩୪୦୬ ଯୁବ ଏବଂ ୩୭୫୯ ଦିବ୍ୟାଙ୍ଗ ଭୋଟର ତାଲିକାଭୁକ୍ତ ହୋଇଛନ୍ତି। ୨୦୧୪ ସାଧାରଣ ନିର୍ବାଚନରେ ଜିଲାରେ ୮ଲକ୍ଷ ୩୭ହଜାର ୨୩୩ ଭୋଟର ଥିବାବେଳେ ଚଳିତ ତାଲିକାରେ ଏଥିରେ ୮୧ ହଜାର ୬୨୮ ଜଣଙ୍କ ବୃଦ୍ଧି ଘଟିଛି।

ଢେଙ୍କାନାଳ ବିଧାନସଭା ନିର୍ବାଚନମଣ୍ଡଳୀ (ନଂ.୫୫)ରେ ମୋଟ ୨ଲକ୍ଷ ୪୯ହଜାର ୫୯୩ ଭୋଟର ରହିଛନ୍ତି। ସେଥିରୁ ୧ଲକ୍ଷ ୧୯ହଜାର ୯୯୪ ମହିଳା, ୧ଲକ୍ଷ ୨୯ହଜାର ୫୭୪ ପୁରୁଷ, ୨୫ ଥାର୍ଡଜେଣ୍ଡର, ୧୧୯୧ ଯୁବ ଏବଂ ୩୦୫ ଦିବ୍ୟାଙ୍ଗ। ସେହିପରି ହିନ୍ଦୋଳ ବିଧାନସଭା ନିର୍ବାଚନମଣ୍ଡଳୀ (ନଂ.୫୬)ରେ ମୋଟ ୨ଲକ୍ଷ ୪୮ହଜାର ୮୬୨ ଭୋଟର ରହିଛନ୍ତି। ତନ୍ମଧ୍ୟରେ ୧ଲକ୍ଷ ୧୮ହଜାର ୧୪୬ ମହିଳା, ୧ଲକ୍ଷ ୩୦ହଜାର ୬୯୪ ପୁରୁଷ, ୨୨ ଥାର୍ଡଜେଣ୍ଡର, ୯୧୦ ଯୁବ ଏବଂ ୧୩୬୬ ଦିବ୍ୟାଙ୍ଗ। କାମାକ୍ଷାନଗର ନିର୍ବାଚନମଣ୍ଡଳୀ (ନଂ.୫୭)ର ୨ଲକ୍ଷ ୧୦ହଜାର ୨୯୯ ଭୋଟରଙ୍କ ମଧ୍ୟରୁ ୯୯ ହଜାର ୮୮୨ ମହିଳା, ୧ ଲକ୍ଷ ୧୦ହଜାର ୩୮୪ ପୁରୁଷ, ୩୩ ଥାର୍ଡଜେଣ୍ଡର, ୭୭୫ ଯୁବ ଏବଂ ୯୪୮ ଦିବ୍ୟାଙ୍ଗ। ପରଜଙ୍ଗ ନିର୍ବାଚନମଣ୍ଡଳୀ(ନଂ. ୫୮)ର ୨ଲକ୍ଷ ୧୦ହଜାର ୧୦୭ ଭୋଟରଙ୍କ ମଧ୍ୟରୁ ୧ଲକ୍ଷ ୧ହଜାର ୧୬୪ ମହିଳା, ୧ଲକ୍ଷ ୮ହଜାର ୯୨୦ ପୁରୁଷ, ୨୩ ଥାର୍ଡଜେଣ୍ଡର, ୫୩୦ ଯୁବ ଏବଂ ୧୧୪୦ ଜଣ ଦିବ୍ୟାଙ୍ଗ।

ଢେଙ୍କାନାଳ ବିଧାନସଭା ନିର୍ବାଚନମଣ୍ଡଳୀରେ ୪,୫୫୫ ନୂତନ ଭୋଟର ସାମିଲ ହୋଇଥିବାବେଳେ ୪୩୪୮ ବାଦ୍ ପଡିଛନ୍ତି। ହିନ୍ଦୋଳ ନିର୍ବାଚନମଣ୍ଡଳୀରେ ୫୯୯୬ ନୂତନ ଭୋଟର ଗ୍ରହଣ କରାଯାଇଛି। ୬୩୩୫ ବାଦ୍ ପଡିଛନ୍ତି। କାମାକ୍ଷାନଗର ନିର୍ବାଚନମଣ୍ଡଳୀରେ ୭୩୩୮ ନୂତନ ଭୋଟର ତାଲିକାଭୁକ୍ତ ହୋଇଥିବାବେଳେ ୪୮୩୯ ବାଦ୍ ପଡିଛନ୍ତି। ପରଜଙ୍ଗ ବିଧାନସଭା ମଣ୍ଡଳୀରେ ୧୦୫୬୮ ନୂତନ ଭୋଟର ସାମିଲ ହୋଇଥିବାବେଳେ ୮,୧୨୪ ଜଣ ବାଦ୍ ପଡିଛନ୍ତି। ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହେବା ଯାଏ ନୂତନ ଭୋଟର ତାଲିକାଭୁକ୍ତ ହୋଇପାରିବେ ବୋଲି ଜିଲା ନିର୍ବାଚନ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

**ଧରିତ୍ରୀର ଢେଙ୍କାନାଳ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଢେଙ୍କାନାଳ ଅଫିସ- (୦୬୭୬୨)-୨୨୪୨୫୪, ଢେଙ୍କାନାଳ-୯୪୩୭୦୯୪୦୩୭, ଓଡାପଡା-୯୪୩୭୦୯୩୮୨୨, କାମାକ୍ଷାନଗର-୯୪୩୭୩୬୦୯୭୦, ହିନ୍ଦୋଳ-୭୮୯୪୪୬୨୯୦୫, ଭୁବନ-୭୮୯୪୪୬୨୯୦୭, ପରଜଙ୍ଗ-୯୯୩୭୮୬୪୨୯୧, ଭାପୁର-୯୯୩୭୦୭୯୭୭୦, ରାସୋଳ-୯୪୩୭୭୦୬୧୬୭, ସାତମାଇଲ-୯୯୩୭୭୫୧୪୨୮, ଅନୁଗୋଳ ଅଫିସ-(୦୬୭୬୪)-୨୩୭୫୫୬, ଅନୁଗୋଳ- ୯୮୫୩୮୪୯୧୨୩, ଅନୁଗୋଳ (ଫଟୋଗ୍ରାଫର)- ୯୮୬୧୨୨୦୬୫୫, ତାଳଚେର- ୦୪୩୭୨୯୨୪୭୮, କଣିହାଁ-୭୮୯୪୪୬୨୯୧୨, ବଅଁରପାଳ- ୭୮୯୪୪୬୨୯୧୬, ବନ୍ତଳା-୯୯୩୭୯୦୮୯୧୫, ଆଠମଲ୍ଲିକ- ୭୮୯୪୪୬୨୯୧୭, ବଇଣ୍ଡା- ୭୮୯୪୪୬୨୯୧୮, ଛେଣ୍ଡିପଦା- ୭୮୯୪୪୬୨୯୧୯, ପାଲଲହଡା- ୭୮୯୪୪୬୨୯୨୧, ପବିତ୍ରନଗର- ୮୦୧୮୧୩୫୩୩୧।

## ସଂକ୍ଷେପରେ

■ପିଇଓଙ୍କ ମନମୁଖୀ କାର୍ଯ୍ୟ ଅଭିଯୋଗ

### ବିଡିଓଙ୍କ ନିକଟରେ ଫେରାଦ

ମାଧପୁର, ୨୩।୧- ଆଠମଲ୍ଲିକ ବ୍ଲକ କୁଦଗାଁ ପଞ୍ଚାୟତ ନିର୍ବାହୀ ଅଧିକାରୀ ମନମୁଖୀ କାର୍ଯ୍ୟ କରୁଥିବା ଅଭିଯୋଗ କରିଛନ୍ତି ପଞ୍ଚାୟତର ୪ ଜଣ ୱାର୍ଡ ସଭ୍ୟ। ଏ ନେଇ ସେମାନେ ବିଡିଓଙ୍କ ନିକଟରେ ଫେରାଦ ହେବା ସହ ଏକ ଅଭିଯୋଗ ପତ୍ର ଅନୁଗୋଳ ଜିଲାପାଳ, ଆଠମଲ୍ଲିକ ଉପଜିଲାପାଳ ଏବଂ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି। ୱାର୍ଡ ସଭ୍ୟ ରସାନନ୍ଦ ରାଜହଂସ, ସଂଗ୍ରାମ କେଶରୀ ଚାଉଳିଆ, ସିଦ୍ଧାର୍ଥ ଶଙ୍କର କ୍ଷେତି, ବଶିଷ୍ଠ କୁମାର ପ୍ରଧାନ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି ଯେ, ପଞ୍ଚାୟତର ମାସିକ ବୈଠକ ବସିବା ପାଇଁ ୩ ମାସ ପୂର୍ବରୁ ନୋଟିସ କରାଯାଇଥିଲେ ମଧ ଏ ପର୍ଯ୍ୟନ୍ତ ତାହା ବସିନାହିଁ। ସେହିପରି କାମ କରା ନ ଯାଇ ଏସ୍ଏଫ୍ସି ଓ ସିଏଫ୍ସି ପାଣ୍ଠିରୁ ଟଙ୍କା ଉଠାଯାଇଛି। ୨୦୧୭-୧୮ ବର୍ଷର ବଜେଟ ୱାର୍ଡସଭ୍ୟଙ୍କୁ ନ ଜଣାଇ ପ୍ରସ୍ତୁତ କରାଯାଇଛି। ଏଥିସହ ଜଳଛତ୍ର ବାବଦ ୨ଲକ୍ଷ ଟଙ୍କା ହଡ଼ପ କରାଯାଇଥିବା ଅଭିଯୋଗ କରାଯାଇଛି। ଏଥିରେ ସରପଞ୍ଚ ଏବଂ ନିର୍ବାହୀ ଅଧିକାରୀ ସମ୍ପୃକ୍ତ ଥିବା ୱାର୍ଡ ସଭ୍ୟ ସମସ୍ତ କାର୍ଯ୍ୟ ହେଉଥିବା ସେମାନେ ଅଭିଯୋଗ କରିଛନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରା ନ ଗଲେ ଅଗାମୀ ଦିନରେ ଅନଶନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏ ସମ୍ପର୍କରେ ନିର୍ବାହୀ ଅଧିକାରୀ ପ୍ରଭାତ କୁମାର ଖଟୁଆ କହିଛନ୍ତି, ଆସିଥିବା ଅଭିଯୋଗ ସମ୍ପୂର୍ଣ୍ଣ ଭିତିହୀନ। ଠିକ ସମୟରେ ଠିକ କାମ କରାଯାଇଥିବା ସେ ପ୍ରକାଶ କରିଛନ୍ତି। ଏ ନେଇ ବିଡିଓ ରାହସ ଚନ୍ଦ୍ର ନାୟକ କୁହନ୍ତି, ଅଭିଯୋଗ ପାଇବା ପରେ ସରପଞ୍ଚଙ୍କୁ ସଙ୍ଗେ ସଙ୍ଗେ ଚିଠି କରାଯାଇଛି। ଏହାର ଜବାବ ଦେବାକୁ ତାଙ୍କୁ କୁହାଯାଇଥିବା ବିଡିଓ କହିଛନ୍ତି।

### ପୃଥକ ସ୍ଥାନରୁ ୨ ମୃତଦେହ ଜବତ

କେନ୍ଦୁଝର, ୨୩।୧(ସ୍ୱ.ପ୍ର.): କେନ୍ଦୁଝର ସଦର ଥାନା କାଠବାରୀ ଗ୍ରାମ ନିକଟ ରାସ୍ତା କଡ଼ରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହୋଇଛି। ତାଙ୍କ ନାମ ଜାପାନି ନାଏକ। ତାଙ୍କର କାନ ପାଖରେ ରକ୍ତ ବାହାରି ଥିବାରୁ ପରିବାର ଲୋକ ହତ୍ୟା ସନ୍ଦେହ କରିଛନ୍ତି। ସେହିପରି ପଣ୍ଡାପଡା ଥାନା ଜୁଙ୍ଗା ଗ୍ରାମରେ ଜଣେ ମହିଳାଙ୍କ ମୃତଦେହ ପୋଲିସ ଉଦ୍ଧାର କରିଛି। ତାଙ୍କ ନାମ ମଞ୍ଜୁରୀ ମାରାଣ୍ଡି। ମଞ୍ଜୁରୀଙ୍କୁ ତାଙ୍କ ସ୍ୱାମୀ ହତ୍ୟା କରିଥିବା ଅଭିଯୋଗ ହୋଇଛି।

# ଭାରିଯାନ ଚଳାଚଳ ବନ୍ଦ ଦାବିରେ ଆନ୍ଦୋଳନ

ତାଳଚେର,୨୩।୧(ନି.ପ୍ର.)



ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଛନ୍ତି।

ରେଙ୍ଗାଳି ଦକ୍ଷିଣ ପାର୍ଶ୍ୱ କେନାଲ ରାସ୍ତାରେ ଭାରିଯାନ ଚଳାଚଳ ବନ୍ଦ ଦାବିରେ ବୁଧବାର ତାଳଚେର ବ୍ଲକ ଅଧୀନ ୩ ଟି ପଞ୍ଚାୟତବାସୀଙ୍କ ପକ୍ଷରୁ କେନାଲ ରାସ୍ତା ଅବରୋଧ କରାଯାଇଛି। ଏହି ରାସ୍ତା ଦେଇ ଧରମପୁର, କଙ୍କିଳି, ଗୁରୁଜାଙ୍ଗ ପଞ୍ଚାୟତବାସୀଙ୍କ ସମେତ ଅନ୍ୟ ଗ୍ରାମର ଜନସାଧାରଣ ଯାତାୟାତ କରିଥାନ୍ତି। ଏକ କୋଲ୍ ୱାସରୀର ଶତାଧିକ କୋଇଲା ଟ୍ରକ୍ ଏହି ରାସ୍ତା ଦେଇ ଦିନରାତି ଚଳପ୍ରଚଳ କରୁଥିବାରୁ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଏଥିଯୋଗୁ ଜନସାଧାରଣ ଛୋଟ ବଡ଼ ଦୁର୍ଘଟଣାର ଶିକାର ହେଉଛନ୍ତି। ସାମାନ୍ୟ ବର୍ଷା ହେଲେ ରାସ୍ତାରେ ଯିବା ଅସମ୍ଭବ ହୋଇପଡୁଛି। ସେହିପରି ଖରାହେଲେ ପ୍ରବଳ ମାତ୍ରାରେ ଧୂଳି ଉଡି ପରିବେଶ ପ୍ରଦୂଷିତ କରୁଛି। ଏ ନେଇ ବାରମ୍ବାର ଅଭିଯୋଗ ପରେ ମଧ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଉ ନାହିଁ। ଉକ୍ତ ରାସ୍ତାରେ କୋଲ୍ୱାସରୀର ଭାରିଯାନ ଚଳାଚଳ ବନ୍ଦ ରଖାଯିବା, ରାସ୍ତା ମରାମତି, ଷ୍ଟ୍ରିଟ୍ଲାଇଟ ଲଗାଯିବା, କେନାଲ ପାର୍ଶ୍ୱରେ ବାଡ ନିର୍ମାଣ ଦାବିରେ ପ୍ରସନ୍ନ ପ୍ରଧାନ, ଦୀପକ ପ୍ରଧାନ, କାନ୍ଧୁରୁ ପ୍ରଧାନ, ଗିରିଶ ପ୍ରଧାନ, ଭୋଳେଶ୍ୱର ପ୍ରଧାନ, ସରପଞ୍ଚ ସୁଧାକର ଦାସ, ପୂର୍ବତନ ସରପଞ୍ଚ ସୁଶାନ୍ତ ପ୍ରଧାନଙ୍କ ନେତୃତ୍ୱରେ ଅଞ୍ଚଳବାସୀ ସକାଳୁ ରାସ୍ତା ଅବରୋଧ କରିଛନ୍ତି। ଖବରପାଇ ସହକାରୀ ଜିଲାପାଳ ଗୌରୀ ନାୟକ ଘଟଣାସ୍ଥଳରେ ପହଞ୍ଚି ଆଲୋଚନା ଚଳାଇଛନ୍ତି। ସ୍ଥାନୀୟ ବିଧାୟକ ବ୍ରଜକିଶୋର ପ୍ରଧାନ ମଧ ଆନ୍ଦୋଳନସ୍ଥଳରେ ପହଞ୍ଚିଛନ୍ତି।

## ମଜଦୁର ସଂଘର ଧର୍ମଘଟ

କଣିହାଁ, ୨୩।୧(ଡି.ଏନ.ଏ.)

କଣିହାଁ ବ୍ଲକ ଡେରେଙ୍ଗ ସ୍ଥିତ ଜେଆଇଟିପିଏଲ୍ ପ୍ରକଳ୍ପର ୩ ଫାଟକଠାରେ ଭାରତୀୟ ମଜଦୁର ସଂଘ ସହବନ୍ଧିତ ଜେଆଇଟିପିଏଲ ମଜଦୁର ସଂଘର କର୍ମଚାରୀ ଶ୍ରମିକ ସଙ୍ଗଠନ ବୁଧବାର ଧର୍ମଘଟରେ ବସିଛନ୍ତି। ଏଥିଯୋଗୁ ପ୍ରକଳ୍ପକୁ କୋଇଲା ପରିବହନ ବାଧାପ୍ରାପ୍ତ ହୋଇଛି। ଆନ୍ଦୋଳନକାରୀଙ୍କ ଅଭିଯୋଗ ମୁତାବକ, ସେମାନଙ୍କ ଜମିରେ ପ୍ରକଳ୍ପ ନିର୍ମାଣ ହୋଇଛି। ହେଲେ କ୍ଷତିଗ୍ରସ୍ତଙ୍କୁ ପ୍ରତିଶ୍ରୁତି ମୁତାବକ କ୍ଷତିପୂରଣ କମ୍ପାନୀ ପ୍ରଦାନ କରୁନାହିଁ। ଏଥିସହ କର୍ମଚାରୀ ଓ ଶ୍ରମିକଙ୍କ ଦରମା ବୃଦ୍ଧି, ପଦୋନ୍ନତି ମଧ କରାଯାଉନାହିଁ। ଏହାର ପ୍ରତିବାଦରେ ଆନ୍ଦୋଳନ କରାଯାଇଛି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସଙ୍ଗଠନ ସଭାପତି ସୁଧାକର ବେହେରା, ସମ୍ପାଦକ ସୁଜିତ କୁମାର ସାହୁ, କୋଷାଧକ୍ଷ ସୁଶାନ୍ତ କୁମାର ଦାସ ଜଣାଇଛନ୍ତି। ଭାଜପା ବରିଷ୍ଠ ନେତା ରୁଦ୍ର ନାରାୟଣ ପାଣି, ଅଶୋକ ମହାନ୍ତି ଏହାକୁ ସମର୍ଥନ ଜଣାଇଛନ୍ତି।

## ସେଲ୍ଫି କର୍ଣ୍ଣର



@ ଅବିନାଶ



@ ସରୋଜ

ସେଲ୍ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | dklselfie@gmail.com (ବଛା ବଛା ସେଲ୍ଫି ପ୍ରକାଶ ପାଇବ)

# ନାଲ୍କୋ ଠିକା ମଜଦୁର ସଂଘ ପ୍ରତିବାଦ ସଭା

ବଅଁରପାଳ, ୨୩।୧ (ଡି.ଏନ୍.ଏ.)




ନାଲ୍କୋ ଠିକା ମଜଦୁର ସଂଘ ପକ୍ଷରୁ ପ୍ରତିବାଦ କରାଯାଉଛି।

ନାଲ୍କୋ ସିପିପି ଓ ସ୍ମେଲଟରରେ କାର୍ଯ୍ୟରତ ଠିକା ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟା ଓ ୧୭ ଦଫା ଦାବି ନେଇ ବୁଧବାର ସକାଳେ ନାଲ୍କୋ ସିପିପି ପ୍ରଶାସନିକ କାର୍ଯ୍ୟାଳୟ ସମ୍ମୁଖରେ ଠିକା ମଜଦୁର ସଂଘ ତରଫରୁ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଭାରତୀୟ ମଜଦୁର ସଂଘର ଓଡ଼ିଶା ପ୍ରଭାରୀ ଶ୍ରୀନିବାସ ଖୁଣ୍ଟିଆ ଏହାର ନେତୃତ୍ୱ ନେଇଥିଲେ। କାର୍ଯ୍ୟରତ ଠିକା ଶ୍ରମିକମାନଙ୍କୁ ନାଲ୍କୋ କର୍ତ୍ତୃପକ୍ଷ ଅନେକ ସମୟରେ ଅବହେଳା ସହ ହଇରାଣ କରୁଥିବା ସଙ୍ଗଠନ ପକ୍ଷରୁ ଅଭିଯୋଗ କରାଯାଇଥିଲା। ଏଥିସହ ଶ୍ରମିକଙ୍କ ସୁରକ୍ଷା ଦୃଷ୍ଟିରୁ ଘର, ପୂଜାକାଳୀନ ଭତ୍ତା ୧୨ ହଜାର ଟଙ୍କା କରାଯିବା, କ୍ୟାଣ୍ଟିନ ସବ୍ସିଡି ବୃଦ୍ଧ, କାର୍ଯ୍ୟସ୍ଥଳୀକୁ ଦୃଷ୍ଟିରେ ରଖି ବିଭିନ୍ନ ଆଲାଉନ୍ସ ପ୍ରଦାନ, ଜବ୍ କାର୍ଡ, ଠିକାଦାରଙ୍କ ଟେଣ୍ଡର ଅବଧି ସମାପ୍ତି ମାତ୍ରେ ଫାଇନାଲ ପେମେଣ୍ଟ ପ୍ରଦାନ ଆଦି ଦାବିରେ ଏହି ପ୍ରତିବାଦ ସଭା କରାଯାଇଥିଲା। ଏ ନେଇ ସଙ୍ଗଠନ ତରଫରୁ ନାଲ୍କୋ କର୍ପୋରେଟ୍ ଉଚ୍ଚ ଅଧିକାରୀଙ୍କୁ ଅବଗତ କରାଯାଇଥିବା ସଂଘ ପକ୍ଷରୁ କୁହାଯାଇଛି। ରାଜ୍ୟ ସଙ୍ଗଠନ ସମ୍ପାଦକ ରଞ୍ଜନ କୁମାର ସାହୁ, ସାଧାରଣ ସମ୍ପାଦକ ବାଇଧର ସାମଲ, କାର୍ଯ୍ୟକାରୀ ସଭାପତି ଡମ୍ବରୁ ବେହେରା, ଯୁଗ୍ମ ସମ୍ପାଦକ ବିଭୂତି ମହାପାତ୍ର, ଶରତ କୁମାର ରାଜ, ଅଶୋକ ଛୋଟରାୟ, ମଦନ ନାହାକଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ତାଳଚେର ପୁସ୍ତକ ମେଳା ଉଦ୍ଘାଟିତ




ତାଳଚେର,୨୩।୧(ନି.ପ୍ର.)

ସ୍ଥାନୀୟ ହାଟତୋଟା ପ୍ରଜାମଣ୍ଡଳ ଭବନ ପରିସରରେ ବୁଧବାର ଷୋଡଶ ତାଳଚେର ପୁସ୍ତକ ମେଳା ଉଦ୍ଘାଟିତ ହୋଇଯାଇଛି। ତାଳଚେର ଉପଜିଲାପାଳ ତଥା ପୁସ୍ତକ ମେଳା କମିଟି ସଭାପତି ପରେଶ ଚନ୍ଦ୍ର ନାୟକ ଏଥିରେ ଅଧକ୍ଷତା କରିଥିଲେ। ପାଲଲହଡ଼ା ବିଧାୟକ ତଥା ଜିଲା ଯୋଜନା କମିଟି ଅଧକ୍ଷ ମହେଶ ସାହୁ ମେଳାକୁ ଉଦ୍ଘାଟନ କରିବା ସହ ପୁସ୍ତକର କୌଣସି ବିକଳ୍ପ ନାହିଁ ବୋଲି କହିଥିଲେ। ଇଣ୍ଟରନେଟ ଯୁଗରେ ମଧ ପୁସ୍ତକର ଚାହିଦା ରହିଛି ବୋଲି ସେ ପ୍ରକାଶ କରିଥିଲେ। ମୁଖ୍ୟଅତିଥି ଭାବେ ବିଧାୟକ ବ୍ରଜକିଶୋର ପ୍ରଧାନ ଯୋଗ ଦେଇ ସମସ୍ତେ ଖଣ୍ଡିଏ ଖଣ୍ଡିଏ ବହି କିଣିଲେ ଏଭଳି ମେଳା ସଫଳ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ବିଶେଷ ଅତିଥି ଭାବେ ପଦ୍ମଶ୍ରୀ ତୁଳସୀ ମୁଣ୍ଡା ଯୋଗଦେଇ ପୁସ୍ତକ ମେଳା ଶିକ୍ଷା ଜଗତକୁ ବଢାଇବାରେ ସାହାଯ୍ୟ କରିଥାଏ ବୋଲି ପ୍ରକାଶ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥିଭାବେ କିଶ୍ ବିଶ୍ୱ ବିଦ୍ୟାଳୟର ପ୍ରଶାସକ ଧୀରଜ ଚଢା ଯୋଗଦେଇ ପୁସ୍ତକର ଯୁଗେ ଯୁଗେ ଚାହିଦା ଅଛି ଓ ରହିବ ବୋଲି ପ୍ରକାଶ କରିଥିଲେ। ସାଧାରଣ ସମ୍ପାଦକ ଦେବୀ ମିଶ୍ର ବିବରଣୀ ପାଠ କରିଥିଲେ। ଉପସଭାପତି ଦୀପକ କୁମାର ପ୍ରଧାନ ମଞ୍ଚ ସଂଯୋଜନା କରିଥିଲେ। ଉପସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ। ମେଳାରେ ୮୦ଟି ଷ୍ଟଲ ଖୋଲା ଯାଇଛି ଓ ଏହା ଆଗାମୀ ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ।

■ନିଆରା ମଣିଷ ପ୍ରଦୀପ ବାରିକ

## ଆଗେ ନିଶା, ପରେ ପେସା



ସେଲୁନରେ ପ୍ରଦୀପ ଚୁଟି କାଟୁଛନ୍ତି।

(ଉପେନ୍ଦ୍ର ରାଉତ)
ବଅଁରପାଳ, ୨୩।୧

ସକାଳୁ ସେଲୁନ୍କୁ ନ ଗଲେ ପରିବାର ନ ଚଳେ। ହେଲେ ଦଣ୍ଡଯାତ୍ରା କିମ୍ବା ଡ୍ରାମା ଥିଲେ ସେଲୁନରେ ପଡ଼ିଯାଏ ତାଲା। ସେ ଦର୍ଶକ କି ପ୍ରଶଂସକ ନୁହନ୍ତି, ସେ ହେଉଛନ୍ତି କଳାକାର। ଅଭିନୟର ନିଶା ଏପରି ଯେ ମୁହଁରେ ରଙ୍ଗମାଖି ମଞ୍ଚରେ ଛିଡ଼ା ହୋଇଗଲେ ଅଭିନେତ୍ରୀଟିଏ ବି ତାଙ୍କ ଆଖିରେ ଫିକା ପଡ଼ିଯାଏ। ନାରୀ ଚରିତ୍ରରେ ଏପରି ନିଖୁଣ ଅଭିନୟ କରୁଥିବା ଏହି ନିଆରା ମଣିଷ ହେଲେ ବଅଁରପାଳ ବ୍ଲକ କୁଲାଡ଼ ଗ୍ରାମର ପ୍ରଦୀପ ବାରିକ। ଦୀର୍ଘ ୧୫ ବର୍ଷ ଧରି ସେ ଗ୍ରାମର ମା' କାଳୀଦଣ୍ଡ ନୃତ୍ୟ ଅନୁଷ୍ଠାନରେ ସାମିଲ ହୋଇ ନିଜ ଅଭିନୟ ଚାତୁରୀରେ ମତୁଆଲା କରିଛନ୍ତି ଅନେକଙ୍କୁ। ଆଖିରେ କଜଳ, ପାଦରେ ଘୁଙ୍ଗୁର, ଦେହରେ ରଙ୍ଗ ବେରଙ୍ଗର ଶାଢ଼ୀ ଓ ମୁଣ୍ଡରେ ସୁନ୍ଦର ଗଭା ତିଆରି କରି ମଞ୍ଚ ଉପରେ ଠିଆ ହୋଇଗଲେ ପ୍ରଶଂସା ଅଜାଡ଼ି ହୋଇପଡ଼େ ତାଙ୍କ ଉପରେ। ଦଶମ ଶ୍ରେଣୀ ଯାଏ ପଢ଼ିଥିବା ପ୍ରଦୀପ କୌଣସି ଅନୁଷ୍ଠାନର ଅଭିନୟ ଶିକ୍ଷା କରିନାହାନ୍ତି। ବିଭିନ୍ନ ନାଚ ଦେଖିଦେଖି ସେ ନିଜକୁ ସୃଷ୍ଟି କରିପାରିଛନ୍ତି ଜଣେ କଳାକାର ଭାବେ। ଝିଣ୍ଟୁ ନାମରେ ସ୍ଥାନୀୟ ଅଞ୍ଚଳରେ ପରିଚିତ ପ୍ରଦୀପଙ୍କ ପରିବାର କହିଲେ ମା' ବାପା, ସ୍ତ୍ରୀ ଓ ଝିଅପୁଅ। ନାଲ୍କୋ ମେନ୍ଗେଟ୍ ସମ୍ମୁଖରେ ଥିବା ସେଲୁନ୍ରେ ସେ କାର୍ଯ୍ୟକରି ପରିବାର ପ୍ରତିପୋଷଣ କରନ୍ତି। ଏହା ତାଙ୍କର କୌଳିକ ବୃତ୍ତି ହୋଇଥିଲେ ବି ଅଭିନୟ ସତେ ଯେପରି ନିଶା ପାଲଟିଯାଇଛି। ଦଣ୍ଡନୃତ୍ୟରେ ସେ ହାଡ଼ିଆଣୀ, ପାର୍ବତୀ, ସଖୀ, ସୌରାଣୀ, କେଲୁଣୀ ଆଦି ବିଭିନ୍ନ ସୁଆଙ୍ଗରେ ଅଭିନୟ କରିଥାନ୍ତି। ଡ୍ରାମା ଓ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମରେ ମଧ କଳାପ୍ରଦର୍ଶନ କରନ୍ତି। ଏଥିପାଇଁ ତାଙ୍କୁ ଅନେକ ସ୍ଥାନରୁ ପୁରସ୍କାର ମିଳିଛି। ଦଣ୍ଡନୃତ୍ୟ ଗୁରୁ ବାମଦେବ ସେଠଙ୍କ ପ୍ରେରଣାରେ ସେ ଜଣେ ଭଲ କଳାକାର ଭାବେ ପରିଚିତ ବୋଲି ପ୍ରଦୀପ ପ୍ରକାଶ କରିଛନ୍ତି।



କେଲୁଣୀ ଭୂମିକାରେ ଅଭିନୟ କରୁଥିବା ପ୍ରଦୀପ।

# ଯୁବକ ସଂଘର ଦୀପଦାନ

ବଅଁରପାଳ, ୨୩।୧ (ଡି.ଏନ୍.ଏ)



ସମୂହ ଦୀପଦାନ କରାଯାଉଛି।

ଅନୁଗୋଳ ସହର ଉପକଣ୍ଠରେ ବଳାତ୍କାର ଓ ହତ୍ୟାର ଶିକାର ହୋଇଥିବା ଅଷ୍ଟମ ଶ୍ରେଣୀ ଛାତ୍ରୀଙ୍କ ଆତ୍ମାର ସଦ୍ଗତି ଓ ତାଙ୍କ ପରିବାରକୁ ନ୍ୟାୟ ପ୍ରଦାନ ଦାବିରେ ବଅଁରପାଳ ବ୍ଲକ ମହୀଧରପୁର ଯୁବକ ସଂଘ ତରଫରୁ ମହୀଧରପୁର ହାଟଛକଠାରେ ସମୂହ ଦୀପଦାନ କରାଯାଇଛି। ମହୀଧରପୁର ପଞ୍ଚାୟତର ବରିଷ୍ଠ ନାଗରିକ ରାଜକିଶୋର ଜେନାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରମାକାନ୍ତ ପାଳ, ହିମାଂଶୁ ପ୍ରଧାନ, ଦିବ୍ୟଶାନ୍ତନୁ ନାଥ, ହାଡ଼ିବନ୍ଧୁ ନାଥ, ବସନ୍ତ ନାୟକ, ସୁଶୀଲ ନାୟକ, ରାଜକିଶୋର ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ।

# ଜାତୀୟ ସ୍ରୋତରେ ସାମିଲ ହେବାକୁ ପରାମର୍ଶ

ବନ୍ତଲା/ଅନୁଗୋଳ
ଅଫିସ,୨୩।୧(ଡି.ଏନ.ଏ.)




ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଅବସରରେ ପତଞ୍ଜଳି ଯୋଗ ଶିବିରରେ ଯୋଗ ଦେଇଥିବା ମହିଳା ମହାବିଦ୍ୟାଳୟର ଛାତ୍ରୀମାନେ।

ଚମ୍ପତିମୁଣ୍ଡା ସ୍ଥିତ ଜବାହର ନବୋଦୟ ବିଦ୍ୟାଳୟରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ବିଦ୍ୟାଳୟ ଅଧକ୍ଷ ରୁଦ୍ର ପ୍ରସାଦ ସାହୁଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଛାତ୍ରୀଛାତ୍ର ଦୁଇ ବରପୁତ୍ରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଛାତ୍ର ବବୁଲୁ ନାୟକ, ଅମିତ କୁମାର କର ଓ ଛାତ୍ରୀ ସନ୍ତୋଷୀ ମହାପାତ୍ର, ଶିକ୍ଷକ ଅକ୍ଷୟ କୁମାର ଦଳେଇ ଓ ଦେବେନ୍ଦ୍ର କୁମାର ବାରିକ ନେତାଜୀଙ୍କ ଅବଦାନ ସମ୍ପର୍କରେ କହିଥିଲେ। ପ୍ରଶାନ୍ତ କୁମାର ପାଢ଼ୀ କବିତାପାଠ କରିଥିଲେ। ଅଧକ୍ଷ ସାହୁ ଛାତ୍ରୀଛାତ୍ରମାନଙ୍କୁ ଜାତୀୟ ସ୍ରୋତରେ ସାମିଲ ହେବା ପାଇଁ ପରାମର୍ଶ ଦେଇଥିଲେ। ଶିକ୍ଷକ ରବି ଶଙ୍କର ଓଝା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ସେହିପରି ଅନୁଗୋଳ ଗାନ୍ଧୀମାର୍ଗ ସ୍ଥିତ ଶିଶୁ ବିଦ୍ୟାମନ୍ଦିରରେ ଦୁଇ ବରପୁତ୍ରଙ୍କ ଜୟନ୍ତୀ ଉତ୍ସବରେ ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟ ପ୍ରାଧ୍ୟାପକ ଅଭିମନ୍ୟୁ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଭୟ ମହାପୁରୁଷଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ପରିଚାଳନା ସମିତି ସଭାପତି ଡ.ସୁଧାକର ପାଳ, ପ୍ରଧାନ ଆଚାର୍ଯ୍ୟ ଅନିଲ କୁମାର ଦେହୁରୀ, ମାନସ ରଞ୍ଜନ ଜେନା, ପ୍ରଶାନ୍ତ କୁମାର ନାଥ, ଦିଲୀପ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସୁଜାତା ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

ଅନୁଗୋଳ ମିଶ୍ରପଡ଼ା ସ୍ଥିତ ବଚପନ ପ୍ଲେ ସ୍କୁଲ ପ୍ରାଙ୍ଗଣରେ ଜୟନ୍ତୀ ଉତ୍ସବ ଅବସରରେ ଶିକ୍ଷୟିତ୍ରୀ ଶେଖ ଆଫରିନ କୁନି କୁନି ପିଲାମାନଙ୍କୁ ସୁଭାଷ ଚନ୍ଦ୍ର ବୋଷଙ୍କ ଆଜାଦହିନ୍ଦୀ ଫୌଜ ଗଠନ ସମ୍ପର୍କରେ ଅବଗତ କରିଥିଲେ। ସାଇପ୍ରସାଦ ପଣ୍ଡା ନେତାଜୀଙ୍କ ବେଶରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅଧକ୍ଷା ଯଶପାଲ ପଟ୍ଟନାୟକ, ଉପଦେଷ୍ଟା ଇଭାଲିନ ରଥ, ଈପ୍ସିତା ବେହେରାଙ୍କ ସହ ସମସ୍ତ ଶିକ୍ଷୟିତ୍ରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

ସଂଗ୍ରାମୀ ଯୁବ ସଙ୍ଗଠନ ଏଆଇଡିୱାଇଓ ପକ୍ଷରୁ ବସ୍ଷ୍ଟାଣ୍ଡ ଠାରେ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଉପସଭାପତି ମାନସ ପାଳଙ୍କ ପରିଚାଳନାରେ ସଭାରେ ଜିଲା ଜନଜୀବନ ସୁରକ୍ଷା କମିଟି ଆବାହକ ପ୍ରମୋଦ କୁମାର ପ୍ରଧାନ, ଅଭିମନ୍ୟୁ ସ୍ୱାଇଁ, ହେମନ୍ତ ଦାସ, ବାର୍ଆସୋସିଏଶନ୍ ସଭାପତି ଦିଲୀପ ଦାସ, କୁଶ ସାହୁ, ସାମାଜିକ କର୍ମୀ ପର୍ଶୁରାମ ଦାଶ, ଏସ୍ୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ନବକିଶୋର ପ୍ରଧାନ, ସୁବାସ ପ୍ରଧାନ, ଡିୱାଇଓ ଜିଲା ସଭାପତି ବିଷ୍ଣୁ ସାହୁ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ଅନୁଗୋଳ ସହରରେ ପ୍ରଶାସନ ପକ୍ଷରୁ ନେତାଜୀଙ୍କ ପ୍ରତିମୂର୍ତ୍ତି ନିର୍ମାଣ କରିବାକୁ ଦାବି କରାଯାଇଥିଲା।

ଅନୁଗୋଳ ମହିଳା ମହାବିଦ୍ୟାଳୟ ପରିସରରେ ପତଞ୍ଜଳି ଯୋଗ ସମିତି ଓ ପତଞ୍ଜଳି ଯୁବ ଭାରତ ତରଫରୁ ନେତାଜୀ ଜୟନ୍ତୀ ପାଳିତ ହୋଇଯାଇଛି। ପତଞ୍ଜଳି ଯୋଗ ସମିତି ଅଧକ୍ଷ ଯୋଗାଚାର୍ଯ୍ୟ ଅଭୟ ରାୟ ନେତାଜୀଙ୍କ ବଳିଦାନ ଉପରେ ଆଲୋକପାତ କରିଥିଲେ। ଏଥିସହିତ ଏକ ଦିବସୀୟ ଯୋଗ ଶିବିରର ଆୟୋଜନ କରାଯାଇଥିଲା। ଅଧ୍ୟାପିକା ପ୍ରଭାତୀ ମିଶ୍ର, ବିଜୟା ଲକ୍ଷ୍ମୀ ବେହେରା, ସମିତିର ବରିଷ୍ଠ ସଦସ୍ୟ ସୁବୋଧ ମିଶ୍ର, ଅମିୟ କର, ସଞ୍ଜୀବ ନାୟକ, ଅଭୟ ସାହୁ, ଅନିଲ ସ୍ୱାଇଁ, ବାଳମୁକୁନ୍ଦ ଦେହୁରୀ, ଦିଲୀପ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

ଶିମିଳିପଡ଼ା ସ୍ଥିତ ନେତାଜୀ ଶିଶୁ ଉଦ୍ୟାନରେ ଜୟନ୍ତୀ ପାଳିତ ହୋଇଯାଇଛି। ଲିଟିଲହାର୍ଟ୍ସ ଟଡଲରସ ଏକାଡେମୀର ଶିକ୍ଷୟିତ୍ରୀମାନେ ପ୍ରଧାନ ଶିକ୍ଷୟିତ୍ରୀ ପ୍ରିୟଙ୍କା ଶୁକ୍ଲାଙ୍କ ନେତୃତ୍ୱରେ ବିପ୍ଳବୀ ସୁଭାଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି ସମାରୋହରେ ସ୍ଥାନୀୟ ବାସିନ୍ଦା ମଧ ସାମିଲ ଥିଲେ।

## ସଂକ୍ଷେପରେ

### ‘କାଳିଆ’ରେ ଅନିୟମିତତା ଅଭିଯୋଗ

ଅନୁଗୋଳ ଅଫିସ, ୨୩।୧- କାଳିଆ ଯୋଜନାରେ ହିତାଧିକାରୀ ଚୟନରେ ଅନିୟମିତତା କରାଯାଇଥିବା ଅଭିଯୋଗ ହୋଇଛି। ଅନୁଗୋଳରେ ଗୋଟିଏ ପରିବାରର ଏକାଧିକ ଲୋକଙ୍କୁ ଯୋଜନାରେ ସାମିଲ କରାଯାଇଥିବା ବେଳେ ପ୍ରକୃତ ଚାଷୀ ଏଥିରୁ ବଞ୍ଚିତ ହୋଇଥିବା ଭାଜପା କୃଷକ ମୋର୍ଚ୍ଚାର ଢେଙ୍କାନାଳ ଲୋକସଭା ପ୍ରଭାରୀ ଦେବାଶିଷ ହୋତା ଅଭିଯୋଗ କରିଛନ୍ତି। ସେହିପରି ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଇଥିବା ଫୋନ୍ ନମ୍ବରରେ ଯୋଗାଯୋଗ କଲେ ମଧ ସବିଶେଷ ତଥ୍ୟ ପ୍ରଦାନ କରାଯାଉ ନ ଥିବା ବୁଧବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି। ସମ୍ମିଳନୀରେ କୃଷକ ମୋର୍ଚ୍ଚା ଜିଲା ସଭାପତି ଜଗନ୍ନାଥ ଗଡ଼ନାୟକ ସିଂହ, ମାନସ ରଞ୍ଜନ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

### ଆନ୍ଦୋଳନ ପ୍ରତ୍ୟାହୃତ

କଣିହାଁ, ୨୩।୧(ଡି.ଏନ.ଏ.)- କଣିହାଁ ବ୍ଲକ ଅଞ୍ଚଳରେ ଶିଳ୍ପ କାରଖାନା ଯୋଗୁ କ୍ଷତିଗ୍ରସ୍ତଙ୍କ ସମସ୍ୟା ସମାଧାନ ଦାବିରେ ଗତ ୧୫ ତାରିଖରୁ ଚାଲିଥିବା ଆନ୍ଦୋଳନ ବୁଧବାର ପ୍ରତ୍ୟାହୃତ ହୋଇଛି। ପାଲଲହଡ଼ା ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ମହେଶ ସାହୁଙ୍କ ଆହ୍ୱାନରେ ବିଜେଡି ସମର୍ଥକ ଓ କ୍ଷତିଗ୍ରସ୍ତ ପ୍ରଜା ଏନ୍‌ଟିପିସି ଥାନା ଆମ୍ବପାଳ ରେଲୱେ କ୍ରସିଂଠାରେ ଆନ୍ଦୋଳନ କରିଥିଲେ। ଏଥିଯୋଗୁ ଏନ୍‌ଟିପିସି ପ୍ରକଳ୍ପକୁ କୋଇଲା ପରିବହନ ବାଧାପ୍ରାପ୍ତ ହୋଇଥିଲା। ବୁଧବାର ପ୍ରକଳ୍ପ ପ୍ରଶାସନ ପକ୍ଷରୁ ବୁଝାମଣା କରାଯିବା ପରେ ଆନ୍ଦୋଳନ ହଟିଥିବା ଥାନା ସୂଚନାରୁ ଜଣାପଡିଛି।

### ବିଦ୍ୟାଳୟ ବାର୍ଷିକ କ୍ରୀଡ଼ା

ବଅଁରପାଳ, ୨୩।୧ (ଡ଼ି.ଏନ୍.ଏ)- ବଅଁରପାଳ ବ୍ଲକ ମହାଧରପୁର ସ୍ଥିତ ସଂଯୁକ୍ତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ସରପଞ୍ଚ ବିନୋଦ କୁମାର ବେହେରା, ମୁଖ୍ୟବକ୍ତା ପ୍ରାକ୍ତନ ପ୍ରଧାନ ଶିକ୍ଷକ ବିବେକାନନ୍ଦ ସାହୁ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ଏସ୍‌ଏମ୍‌ସି ସଭାପତି ପୁରନ୍ଦର ପ୍ରଧାନ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ର ପାଠପଢ଼ା ସହିତ ସୁସ୍ଥ ରହିବା ପାଇଁ ବ୍ୟାୟାମ କରିବାକୁ ପରାମର୍ଶ ଦେଇଥିଲେ। ପ୍ରଧାନ ଶିକ୍ଷକ ଦିଲୀପ କୁମାର ନାଥ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। କ୍ରୀଡ଼ା ଶିକ୍ଷକ ଦିଲୀପ କୁମାର ନାଥ ଓ ଶ୍ରୀକାନ୍ତ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ନୂଆସାହି ଗ୍ରାମରେ ନେତାଜୀ ଜୟନ୍ତୀ

ଅନୁଗୋଳ ଅଫିସ, ୨୩।୧- ଅନୁଗୋଳ ନୂଆସାହି ଗ୍ରାମ ଯାତ୍ରାପଡିଆ ଠାରେ ବିଦ୍ୟୁତ୍ ଉପଭୋକ୍ତା ସଂଗ୍ରାମ କମିଟି ଉଦ୍ୟୋଗରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ସଭା ପାଳିତ ହୋଇଯାଇଛି। ବିଷ୍ଣୁ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆଡଭୋକେଟ୍ ପ୍ରମୋଦ କୁମାର ପ୍ରଧାନ, ସମ୍ମାନିତ ଅତିଥି ଶିକ୍ଷାବିତ୍ ଅଭିମନ୍ୟୁ ସ୍ୱାଇଁ, ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଅନୁଗୋଳ ଆଞ୍ଚଳିକ କମିଟିର ସମ୍ପାଦକ ବ୍ରଜବନ୍ଧୁ ସାହୁ ଯୋଗଦେଇଥିଲେ। କମିଟି ସଭାପତି ରୀତା ଓଝା, ସମ୍ପାଦକ ବାସନ୍ତୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

### ଗାଡ଼ିମୋଟର ଯାଞ୍ଚ

ବଇଣ୍ଡା, ୨୩।୧(ଡି.ଏନ.ଏ.)- ବଇଣ୍ଡା-ଆଠମଲ୍ଲିକ ପୂର୍ତ୍ତ ବିଭାଗ ରାସ୍ତାର ହଣ୍ଡପା ଥାନା ଗାଁବଇଣ୍ଡାଠାରେ ପୋଲିସ ପକ୍ଷରୁ ଗାଡ଼ି ମୋଟର ଯାଞ୍ଚ କରାଯାଇଛି। ଉଭୟପାର୍ଶ୍ୱରୁ ଆସୁଥିବା ଗାଡ଼ି ଅଟକାଇ ହେଲମେଟ, ଡ୍ରାଇଭିଂ ଲାଇସେନ୍ସ, ଫିଟ୍‌ନେସ ଆଦି ଯାଞ୍ଚ କରାଯାଇ ୧୦ଟି ମାମଲା ରୁଜୁ କରାଯାଇଛି। ଏଥିସହ ୧ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଟାପଡୋଲ ଫାଣ୍ଡି ଅଧିକାରୀ ଗଜେନ୍ଦ୍ର ବେହେରା, ସହକର୍ମଚାରୀମାନେ ଏଥିରେ ସାମିଲ ହୋଇଥିଲେ।

### ହୃଦ୍‌ଘାତରେ ଯୁବକଙ୍କ ମୃତ୍ୟୁ

ବନ୍ତଲା, ୨୩।୧ (ଡି.ଏନ.ଏ.)- ବନ୍ତଲା ଥାନା ପୋକତୁଙ୍ଗା ଗ୍ରାମର ରଜତ ଦେହୁରୀ (୪୨)ଙ୍କ ବୁଧବାର ହୃଦ୍‌ଘାତରେ ମୃତ୍ୟୁ ହୋଇଛି। ବାପା ପ୍ରହ୍ଲାଦ ଦେହୁରୀଙ୍କ ଅଭିଯୋଗ କ୍ରମେ ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି। ପୋଲିସ କହିଛି, ରଜତ ରାତିରେ ଅସୁସ୍ଥ ହେବାରୁ ଜିଲା ମୁଖ୍ୟ ଚିକିତ୍ସାଳୟ ନିଆଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

## ନାବାଳିକାଙ୍କୁ ବଳାତ୍କାର ଓ ହତ୍ୟା ଘଟଣା

# ପରିବାରକୁ ଭେଟିଲା ମହିଳା ମୋର୍ଚ୍ଚା ଟିମ୍



**ଅନୁଗୋଳ ଅଫିସ, ୨୩।୧**

ଅନୁଗୋଳ ଉପକଣ୍ଠରେ ଜଣେ ୮ମ ଶ୍ରେଣୀ ଛାତ୍ରୀଙ୍କୁ ବଳାତ୍କାର ଓ ହତ୍ୟା କରାଯିବା ଘଟଣାକୁ ନେଇ ଜନ ଅସନ୍ତୋଷ ଥମୁ ନ ଥିବା ବେଳେ ବୁଧବାର ଭାଜପାର ରାଜ୍ୟ ମହିଳା ମୋର୍ଚ୍ଚା ଟିମ୍ ସମ୍ପୃକ୍ତ ପରିବାରକୁ ଭେଟି ସମବେଦନା ଜଣାଇଛି। ଏହି ଅବସରରେ ମୋର୍ଚ୍ଚା ଉପସଭାନେତ୍ରୀ ସ୍ମୃତି ପଟ୍ଟନାୟକ ରାଜ୍ୟ ସରକାର, ଅନୁଗୋଳ ପ୍ରଶାସନ ଓ ପୋଲିସ ଉପରେ ବର୍ଷିଛନ୍ତି।

ସେ କହିଛନ୍ତି, ରାଜ୍ୟ ସରକାରଙ୍କ ଅପାରଗତା ଯୋଗୁ ଗୋଟିଏ ପରେ ଗୋଟିଏ ନାବାଳିକା ବଳାତ୍କାରର ଶିକାର ହେଉଛନ୍ତି। କେତେକ ସ୍ଥାନରେ ସେମାନଙ୍କୁ ହତ୍ୟା ମଧ କରାଯାଉଛି। ଅନୁଗୋଳରେ ଏପରି ଘଟଣା ବଢୁଥିବା ବେଳେ ପୋଲିସ ଓ ପ୍ରଶାସନ ସ୍ଥାଣୁ ପାଲଟିଥିବା ପଟ୍ଟନାୟକ ମତବ୍ୟକ୍ତ କରିଛନ୍ତି। ସେହିପରି ସନ୍ଧ୍ୟାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ରାଜ୍ୟ ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ଘଟଣାର ଠିକ୍ ତଦନ୍ତ କରିବାକୁ ଦାବି କରାଯାଇଛି। ମୃତ ଛାତ୍ରୀଙ୍କ ପରିବାରକୁ ୧୦ରୁ ୧୫ ଲକ୍ଷ ଟଙ୍କାର ସହାୟତା ଓ ପରିବାର ଲୋକଙ୍କ ସମ୍ମାନ ଫେରାଇବା ପାଇଁ ରାଜ୍ୟ ସରକାର ପଦକ୍ଷେପ ନିଅନ୍ତୁ। ଅଭିଯୁକ୍ତଙ୍କୁ ଫାଶୀ ଦିଆଯାଉ। ସହର ଉପକଣ୍ଠରେ ଏପରି ଘଟଣା ଘଟିବାର ୪ ଦିନ ପରେ ମଧ ଶାସକ ଦଳର ନେତା ଛାତ୍ରୀଙ୍କ ପରିବାର ଲୋକଙ୍କୁ ନ ଭେଟିବା ଜନସାଧାରଣଙ୍କୁ ଚକିତ କରିଛି। ସେହିପରି ବନ୍ତଲା ଥାନା ଅଧୀନରେ ଜଣେ ସାଢ଼େ ୩ ବର୍ଷର ଶିଶୁକନ୍ୟା ବଳାତ୍କାର ଘଟଣାରେ ରାଜ୍ୟ ସରକାର ପଦକ୍ଷେପ ନେବାକୁ ଦାବି କରାଯାଇଛି। ସମ୍ପୃକ୍ତା ଶିଶୁକନ୍ୟା ସାବାଳିକା ହେବା, ବିବାହ ପର୍ଯ୍ୟନ୍ତ ସମସ୍ତ ଖର୍ଚ୍ଚ ସରକାର ବହନ କରିବା ଓ ୫ ଲକ୍ଷ ଟଙ୍କା କ୍ଷତି ପୂରଣ ଦେବାକୁ ମୋର୍ଚ୍ଚା ପକ୍ଷରୁ ଦାବି କରାଯାଇଛି। ଉଭୟ ଘଟଣା ନେଇ ରାଜ୍ୟ ଭାଜପା ମହିଳା ମୋର୍ଚ୍ଚା ସଦସ୍ୟାମାନେ ଅନୁଗୋଳ ଏସ୍‌ପିଙ୍କୁ ଭେଟି ଆଲୋଚନା କରିଛନ୍ତି। ମୋର୍ଚ୍ଚା ଉପସଭାନେତ୍ରୀ ପଟ୍ଟନାୟକଙ୍କ ନେତୃତ୍ୱରେ ରାଜ୍ୟ ଉପସଭାନେତ୍ରୀ ନିୟତି ଗିରି, ରାଜ୍ୟ ସୋସିଆଲ ମିଡିଆ ଆବାହିକା କସ୍ତୁରୀ ମିଶ୍ର, ରାଜ୍ୟ ସମ୍ପାଦିକା ଦୀପ୍ତିରେଖା ନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ସଂଘମିତ୍ରା ପ୍ରଧାନ, ଜିଲା ସଭାନେତ୍ରୀ ବସନ୍ତ ମଞ୍ଜରୀ ପ୍ରଧାନ, ଉପସଭାନେତ୍ରୀ ଲକ୍ଷ୍ମୀପ୍ରିୟା ମହାନ୍ତି, ସାଧାରଣ ସମ୍ପାଦିକା ଜୟନ୍ତୀ ପ୍ରଧାନ, ସମ୍ପାଦିକା ସ୍ମିତାରାଣୀ ସାହୁ, ସୁଚିସ୍ମିତା ତ୍ରିପାଠୀ, ସଦସ୍ୟ ପ୍ରତାପ ପ୍ରଧାନ, ମୀନକେତନ ଅମାତ, ପ୍ରକାଶ ସିଂ, ଯଯାତି ପଟ୍ଟନାୟକ ଓ ସୋମନାଥ ରାଉତ ପ୍ରମୁଖ ଟିମ୍‌ରେ ସାମିଲ ଥିଲେ। ଉକ୍ତ ଟିମ୍ ବନ୍ତଲା ଅଞ୍ଚଳର ସମ୍ପୃକ୍ତା ଶିଶୁକନ୍ୟାଙ୍କ ପରିବାର ସଦସ୍ୟଙ୍କୁ ମଧ ଭେଟିଥିଲେ।

### ସ୍କୁଲ ଯିବାକୁ ଭୟ ଲାଗୁଛି

ଅନୁଗୋଳ ଅଫିସ, ୨୩।୧- ଅନୁଗୋଳ ସହର ଉପକଣ୍ଠରେ ଘଟିଯାଇଥିବା ଅଷ୍ଟମ ଶ୍ରେଣୀ ଛାତ୍ରୀଙ୍କୁ ବଳାତ୍କାର ଓ ହତ୍ୟା ଘଟଣାର ୪ଦିନ ପରେ ବି ଗ୍ରାମବାସୀଙ୍କ ଆଖିରୁ ଲୁହ ଶୁଖୁନି। ଅନେକଙ୍କ ଘରେ ଏବେ ବି ଚୁଲି ଜଳିନି। ନାବାଳିକାଙ୍କ ସହପାଠିନୀମାନେ ମଧ ଏକ ପ୍ରକାର ଭୟଭୀତ ଅବସ୍ଥାରେ ଅଛନ୍ତି। ଯେଉଁ ରାସ୍ତାରେ ଅଭିଯୁକ୍ତ ଗୋଡ଼ିସାହିର ଅନାମ ଦେହୁରୀ ଏହି ଘଟଣା ଘଟାଇଥିଲେ ସେହି ରାସ୍ତା ଦେଇ ସ୍କୁଲ ଯିବାକୁ ଗାଁର ଛାତ୍ରୀମାନେ ସାହସ କରିପାରୁ ନାହାନ୍ତି। ମହିଳାମାନେ କହିଛନ୍ତି, ଏପରି ଘଟଣାକୁ ସହଜରେ ହଜମ କରିହେଉନି। ଗାଁର ସମସ୍ତେ ମର୍ମାହତ। ଅଭିଯୁକ୍ତ ଅନାମଙ୍କୁ ପୋଲିସ ଧରି ଫାଶୀ ଦେଉ। ଏହା ପରେ ଆମକୁ ଶାନ୍ତି ମିଳିବ।

### ବର୍ଷ ଆରମ୍ଭରୁ ୮ ମାମଲା

ଅନୁଗୋଳ ଅଫିସ, ୨୩।୧- ଅନୁଗୋଳ ଜିଲାରେ ବର୍ଷ ଆରମ୍ଭରୁ ୮ ଜଣ ନାବାଳିକାଙ୍କୁ ବଳାତ୍କାର ଓ ଅସଦାଚରଣ ନେଇ ବିଭିନ୍ନ ଥାନାରେ ମାମଲା ରୁଜୁ ହୋଇଥିବା ଅଭିଯୋଗ କରିଛନ୍ତି ଭାଜପା ଜିଲା ସଭାନେତ୍ରୀ ବସନ୍ତ ମଞ୍ଜରୀ ପ୍ରଧାନ। ଅନୁଗୋଳ ସମେତ ବଅଁରପାଳ, ବନ୍ତଲା, କିଶୋରନଗର, ଛେଣ୍ଡିପଦା ଆଦି ଥାନାରେ କେବଳ ମାମଲା ରୁଜୁ କରାଯାଇଥିବାବେଳେ ଅଭିଯୁକ୍ତମାନେ ଖୋଲାଖୋଲି ବାହାରେ ବୁଲୁଥିବା ସେ କହିଛନ୍ତି। ସରକାରଙ୍କ ପରୀ ଯୋଜନା ଜିଲାରେ ସମ୍ପୂର୍ଣ୍ଣ ବିଫଳ ହୋଇଥିବାବେଳେ ଓଡ଼ିଶା ପୋଲିସର ମର୍ଯ୍ୟାଦା ଆପ୍ ମଧ ଅକାମୀ ହୋଇଯାଇଥିବା ସେ ଅଭିଯୋଗ ଆଣିଛନ୍ତି।




## ମିଥ୍ୟା ମାମଲାକୁ କଂଗ୍ରେସର ବିରୋଧ




ଖବରଦାତା ସମ୍ମିଳନୀରେ କଂଗ୍ରେସ କର୍ମକର୍ତ୍ତା।

**ବନ୍ତଲା, ୨୩।୧ (ଡି.ଏନ.ଏ.)**

ସାତକୋଶିଆରେ ବାଘୁଣୀ ସୁନ୍ଦରୀ ମଣିଷ ମାରିବା ପରେ ଯେଉଁ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା ତାହାକୁ ନେଇ ପୋଲିସ ପକ୍ଷରୁ ଯେପରି ଭାବେ ବହୁ ନିରୀହ ଅଧିବାସୀଙ୍କ ନାମରେ ମିଥ୍ୟା ମାମଲା ରୁଜୁ କରାଗଲା ତାହାକୁ ଜାତୀୟ କଂଗ୍ରେସ ଦୃଢ଼ ବିରୋଧ କରୁଛି। ଟିକରପଡ଼ା ଠାରେ ଏକ ଖବରଦାତା ସମ୍ମିଳନୀରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସମ୍ପାଦକ ବିଜୟାନନ୍ଦ ଚାଉଳିଆ ଏହା ପ୍ରକାଶ କରିଛନ୍ତି। ସେ କହିଛନ୍ତି, ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପରେ ବାଘ ଛାଡ଼ିବା ଠାରୁ ଆରମ୍ଭ କରି ଉତ୍ତେଜନା ସୃଷ୍ଟି ପର୍ଯ୍ୟନ୍ତ ସବୁକିଛି ପାଇଁ କେନ୍ଦ୍ର ଭାଜପା ଓ ରାଜ୍ୟ ବିଜେଡି ସରକାର ଦାୟୀ। ଦୁଇ ସରକାରଙ୍କ ସହମତିରେ ବାଘ ଛଡ଼ାଯାଇଥିଲା। ପରେ ନିରୀହ ଗରିବ ଲୋକଙ୍କ ନାମରେ ମିଥ୍ୟା ମାମଲା କରାଗଲା। ଅଞ୍ଚଳବାସୀ ଭୟଭୀତ ହୋଇ ଗୁଜରାଟ, ସୁରଟ, ବମ୍ବେ ଆଦି ଅଞ୍ଚଳକୁ ଯାଇ ଆଉ ଫେରୁନାହାନ୍ତି। ତାଙ୍କ ଉଦ୍ୟମରେ ୨୫୦ ଜଣ ଜାମିନ ପାଇଛନ୍ତି। ଏବେ ବି ପୁରୁଣାକୋଟ ଓ ଜରପଡ଼ା ଥାନାରେ ୭୫୦ ରୁ ୮୦୦ ଲୋକଙ୍କ ନାମରେ ମାମଲା ରୁଜୁ ହୋଇଛି। ଏସବୁ ମିଥ୍ୟା କେସ୍ ପ୍ରତ୍ୟାହାର କରାଯାଉ ବୋଲି ସେ ଦାବି କରିଛନ୍ତି।

## ୧୧୦ ୟୁନିଟ୍ ରକ୍ତ ସଂଗ୍ରହ



ଶିବିରରେ ରକ୍ତ ସଂଗ୍ରହ ବେଳେ ଉପସ୍ଥିତ ଅତିଥିମାନେ।

**ଅନୁଗୋଳ ଅଫିସ, ୨୩।୧**

ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଉପଲକ୍ଷେ ଅନୁଗୋଳ, ବଅଁରପାଳ, ଛେଣ୍ଡିପଦା ଓ ଅନୁଗୋଳ ମ୍ୟୁନିସିପାଲିଟି ବିଜୁ ଯୁବ ବାହିନୀ ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଗୋଳ ରକ୍ତଭଣ୍ଡାର ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ସମସ୍ତ ପଞ୍ଚାୟତ ଓ ମ୍ୟୁନିସିପାଲିଟିର ବିଜୁ ଯୁବ ବାହିନୀ ସଦସ୍ୟ ଯୋଗଦେଇ ରକ୍ତଦାନ କରିଥିଲେ। ଏହି ଶିବିରକୁ ଅନୁଗୋଳ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ ଉଦ୍‌ଘାଟନ କରିଥିଲେ। ଶିବିରରେ ୧୧୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଅନୁଗୋଳ ଜିଲା କ୍ରୀଡ଼ା ଅଧିକାରୀ ମହେନ୍ଦ୍ର କୁମାର ସାହୁ, ଢେଙ୍କାନାଳ-ଅନୁଗୋଳ ଏମ୍‌ପିଙ୍କ ଜିଲା ପ୍ରତିନିଧି ଭକ୍ତି ପ୍ରସାଦ ଦାସ, ଜିଲା ବିଜେଡି ଯୁବ ସଭାପତି ଦୀନେଶ ପ୍ରଧାନ, ବ୍ଲଡ୍ ବ୍ୟାଙ୍କ ଅଫିସର ବିଶ୍ୱଜିତ ସାମଲ, ପ୍ରଫୁଲ୍ଲ କୁମାର ଦାସ, ଗଣେଶ ପ୍ରଧାନ, ସ୍ୱେତାଲିନ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ। ଅନୁଗୋଳ ମ୍ୟୁନିସିପାଲିଟି ବିଜୁ ଯୁବ ବାହିନୀ କ୍ଲବିଙ୍ଗ ସଭାପତିଙ୍କ ସହ ଅନ୍ୟ ବିଜୁ ଯୁବ ବାହିନୀ ସଦସ୍ୟମାନେ ଉପସ୍ଥିତ ଥିଲେ।

## ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଅନୁଗୋଳ ଅଫିସ, ୨୩।୧**

ଅନୁଗୋଳ ସ୍ଥିତ ହୁଲୁରିସିଂହା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଭାପତି ତଥା ବିଇଓ ଲୋପାମୁଦ୍ରା ପଟ୍ଟନାୟକ, ମୁଖ୍ୟ ଅତିଥି ଭାବେ ବିଧାୟକ ରଜନୀକାନ୍ତ ସିଂ, ମୁଖ୍ୟବକ୍ତା ଡ. ପ୍ରଫେସର କୁଳମଣି ନାୟକ, ସମ୍ମାନିତ ଅତିଥି ଆଦର୍ଶ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁଟ୍‌ର ନିର୍ଦ୍ଦେଶକ ମହେଶ ଚନ୍ଦ୍ର ଧଳ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ତ୍ରିଲୋଚନ ପ୍ରଧାନ ଓ ସୁଶୀଲ କୁମାର ପଟ୍ଟନାୟକ ଯୋଗ ଦେଇଥିଲେ। ଶିକ୍ଷକ ପ୍ରକାଶ କୁମାର ସାହୁ ଅତିଥି ପରିଚୟ ଦେଇଥିଲେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିମାମଞ୍ଜରୀ ସାହୁ ବିବରଣୀ ପାଠ କରିଥିଲେ। ପରିଚାଳନା କମିଟି ଅଧ୍ୟକ୍ଷ ଶିଶିର କୁମାର ଦାସ ଧନ୍ୟବାଦ ଦେଇଥିଲେ। ସଭ୍ୟ ନୀଳାଞ୍ଚଳ ପ୍ରଧାନ, ପ୍ରଣବ କୁମାର ପଟ୍ଟନାୟକ, ବିଦ୍ୟାଧର ନାଏକ, ପରିଚାଳନା କମିଟି ସଭ୍ୟାସଭ୍ୟ, ମାତୃଶିକ୍ଷକ କମିଟି ସଭ୍ୟା ଓ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ସହଯୋଗ କରିଥିଲେ।

## ୧୨ ବାଟାଲିୟନ ତରଫରୁ ସିଭିଲ ଆକ୍ସନ ଉତ୍ସବ

**ବନ୍ତଲା, ୨୩।୧ (ଡି.ଏନ.ଏ.)**



ଅତିଥିମାନେ ବିଭିନ୍ନ ସାମଗ୍ରୀ ବଣ୍ଟନ କରୁଛନ୍ତି।

ସାତକୋଶିଆ ଅଭୟାରଣ୍ୟ ଜଗନ୍ନାଥପୁର ପଞ୍ଚାୟତ ତରଭା ନେଚର କ୍ୟାମ୍ପ ପରିସରରେ ବୁଧବାର ପୁରୁଣାକୋଟ ସିଆର୍‌ପିଏଫ୍ ୧୨ ବାଟାଲିୟନ ତରଫରୁ ସିଭିଲ ଆକ୍ସନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ୧୨ ବାଟାଲିୟନ ସିଆର୍‌ପିଏଫ୍ କମାଣ୍ଡର ପ୍ରମୋଦ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୁରୁଣାକୋଟ ଆଇଆଇସି ବିଜୟ କୁମାର ହାଇବ୍ରୋ, ରେଞ୍ଜର ଗଜେନ୍ଦ୍ର ବେହେରା, ସବ୍ ଇନ୍‌ସପେକ୍ଟର ଦିଲୀପ କୁମାର ସାହୁ, ସରପଞ୍ଚ ବିନୋଦ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଜଙ୍ଗଲ ଅଞ୍ଚଳରେ ରହୁଥିବା ଗ୍ରାମର ଅଧିବାସୀମାନେ ସିଆର୍‌ପିଏଫ୍ ଓ ପୋଲିସ ସହ ସମ୍ପର୍କ ରଖିବା ସୁଖ ଓ ଦୁଃଖରେ ସାମିଲ ହେବେ ବୋଲି ମୁଖ୍ୟ ଅତିଥି ପ୍ରକାଶ କରିଥିଲେ। ଏହି ଅବସରରେ ତରଭା, ଅସନବାହାଳ, ଟୁଲୁକା, କଟରଙ୍ଗ, ମଝିପଡ଼ା, ଡଲାସିଙ୍ଗା, ମଝିପଡ଼ା, ପୁରୁଣାକୋଟ, ସାଲର, ବଡ଼କ୍ଷେତା ଆଦି ଗ୍ରାମର ପ୍ରାୟ ୬ ଶହ ମହିଳା, ପୁରୁଷ ଓ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ସାମଗ୍ରୀ ବଣ୍ଟନ କରାଯାଇଥିଲା। ଏଥିସହିତ ଜଗନ୍ନାଥପୁର ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ବିଜୟ କୁମାର ପ୍ରଧାନଙ୍କ ସହିତ ସିଆର୍‌ପିଏଫ୍ ୧୨ ବିଏନ୍‌ର ଡାକ୍ତର ୩ ଶହ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ବଣ୍ଟନ କରିଥିଲେ। ସିଆର୍‌ପିଏଫ୍ ଫୋର୍ସ, ବନବିଭାଗ, ପୋଲିସ ଓ ସାତକୋଶିଆ ଅଧିବାସୀ ସହଯୋଗ କରିଥିଲେ।

## କିନ୍ନରଙ୍କ ଅଧିକାର ଉପରେ ଆଲୋକପାତ



ସଚେତନତା ଶିବିରରେ ଯୋଗ ଦେଇଥିବା କିନ୍ନର ଓ ଅନ୍ୟମାନେ।

**ଅନୁଗୋଳ ଅଫିସ, ୨୩।୧**

ଅନୁଗୋଳ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ କିନ୍ନରମାନଙ୍କୁ ନେଇ ଏକ ଆଇନ ସଚେତନତା ଶିବିର ସିଭିଲ କୋର୍ଟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲା ଦୌରାଜଜ୍ ଅଶାନ୍ତ କୁମାର ଦାସ କିନ୍ନରମାନଙ୍କ ମୌଳିକ ଅଧିକାର ଉପରେ ଆଲୋକପାତ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଭିଜିଲାନ୍ସ ଜଜ୍ ରୂପାଶ୍ରୀ ଚୌଧୁରୀ, ଅତିରିକ୍ତ ଜିଲା ଦୌରାଜଜ୍ ସୁରେଶ ଚନ୍ଦ୍ର ପ୍ରଧାନ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଅରିଜିତ ଦାସ, ତାରିଣୀ ପ୍ରସାଦ ସାହୁ ଓ ଚରଣ କୁମାର ଜେନା, ସରକାରୀ ଓକିଲ ପରମାନନ୍ଦ ମିଶ୍ର ପ୍ରମୁଖ ଯୋଗଦେଇ ସମାଜରେ କିଭଳି ଅବହେଳିତ କିନ୍ନରମାନଙ୍କୁ ନ୍ୟାୟ ମିଳିବ ତାହା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ଜିଲା ଆଇନ ସେବା ପ୍ରାଧିକରଣ ସଚିବ ଅଭିନନ୍ଦିତା ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଦେବେଶ ରଥ, ପ୍ରତାପ ମହାପାତ୍ର ଓ ସତ୍ୟନାରାୟଣ ସିଂସାମନ୍ତ ସହଯୋଗ କରିଥିଲେ। ୫୦ ଜଣରୁ ଉର୍ଦ୍ଧ୍ୱ କିନ୍ନର ଯୋଗଦେଇ ଥିଲେ।

## ପିସିସିରେ ଜିଲାରୁ ୨ ନିଯୁକ୍ତ



ବେଣୁଧର ସାହୁ



ଅଜୟ ବେହେରା

**ଅନୁଗୋଳ ଅଫିସ, ୨୩।୧**

ଅନୁଗୋଳ କଂଗ୍ରେସ ନେତା ବେଣୁଧର ସାହୁଙ୍କୁ ରାଜ୍ୟ ପ୍ରଦେଶ କଂଗ୍ରେସ କମିଟି ଓବିସି ସେଲ୍‌ର ରାଜ୍ୟ ଭାଇସ ଚେୟାରମ୍ୟାନ ଭାବେ ନିଯୁକ୍ତ କରାଯାଇଛି। ଏଥିସହିତ ଅନୁଗୋଳ ଓବିସି ସେଲ୍ ଅଧ୍ୟକ୍ଷ ଅଜୟ କୁମାର ବେହେରାଙ୍କ ପଦୋନ୍ନତି କରାଯାଇ ରାଜ୍ୟ ଓବିସି ସେଲ୍‌ର ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଛି। ରାଜ୍ୟ ପ୍ରଦେଶ କଂଗ୍ରେସ କମିଟି ଓବିସି ସେଲ୍ ଅଧ୍ୟକ୍ଷ ବିଷ୍ଣୁଚରଣ ବାରିକ ଉଭୟ ନେତାଙ୍କୁ ଏଥିପାଇଁ ମନୋନୀତ କରିଛନ୍ତି। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଅନୁମୋଦନ ଓ ଜିଲା କଂଗ୍ରେସ କମିଟି ସଭାପତି ବିପ୍ଳବ ଜେନାଙ୍କ ସୁପାରିସ କ୍ରମେ ଉଭୟଙ୍କୁ ଏହି ନିଯୁକ୍ତି ପ୍ରଦାନ କରାଯାଇଛି। ଉପରୋକ୍ତ ନବନିଯୁକ୍ତ ନେତାଙ୍କୁ ଜିଲା କଂଗ୍ରେସ କମିଟି ସଭାପତି, ଅନୁଗୋଳ ଜିଲା କଂଗ୍ରେସ ଓବିସି ସେଲ ସଭାପତି ଓ ଅନୁଗୋଳ ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତିଙ୍କ ସମେତ ଜିଲାର ବିଭିନ୍ନ ଅଞ୍ଚଳର କଂଗ୍ରେସ କର୍ମୀମାନେ ସ୍ୱାଗତ ଜଣାଇଛନ୍ତି।

## ବରଢିପ, ଭେଜିଗୋଠ ବିଜୟୀ

**ବଇଣ୍ଡା, ୨୩।୧(ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ ପେଡିପଥର ପଞ୍ଚାୟତ ଅଚ୍ୟୁତାପୁର ଗ୍ରାମ ଖେଳ ପଡିଆଠାରେ ଚାଲିଥିବା ଅଚ୍ୟୁତାପୁର କପ୍ କ୍ରିକେଟ ଟୁର୍ନାମେଣ୍ଟର ବୁଧବାର ଦୁଇଟି ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ମ୍ୟାଚ ବରଢିପ ଓ ଅଚ୍ୟୁତାପୁର କ୍ଲବ ମଧ୍ୟରେ ଖେଳା ଯାଇଥିଲା। ବରଢିପ ବ୍ୟାଟିଂ କରି ୧୯୦ ରନ୍ କରିଥିବାବେଳେ ଜବାବରରେ ଅଚ୍ୟୁତାପୁର ୧୩୦ ରନ୍ କରି ପରାଜିତ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ ଭେଜିଗୋଠ ଓ ବଜରଙ୍ଗୀ ସାନହୁଲା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଭେଜିଗୋଠ ବ୍ୟାଟିଂ କରି ୯୯ ରନ୍ କରିଥିବାବେଳେ ଜବାବାରେ ବଜରଙ୍ଗୀ ସାନହୁଲା ୭୭ ରନ୍ କରି ପରାଜିତ ହୋଇଥିଲା। ରଞ୍ଜିତ ପ୍ରଧାନ, ଟୁକୁନା ସାହୁ, ଧୀରେନ ସାହୁ, ପ୍ରଶାନ୍ତ ପ୍ରଧାନ ଖେଳ ପରିଚାଳନା କରିଥିଲେ।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ- ତଥାଗତ ଶତପଥୀ